୬ ଆଇସିସି ଟେଷ୍ଟ କ୍ରିକେଟର ଅଫ ଦି ଇୟର ପୁରସ୍କାର ପାଇଲେ ବୁମ୍ରା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୨ ● ୨୮ ଜାନୁଆରୀ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-2 ● 28th January 2025, Tuesday ● Bhubaneswar

Licensed to post without pre-payment of postage No- BN-60/25-27


# ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ପାଇଁ ଭୁବନେଶ୍ୱରରେ କଡ଼ା ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର, ୨୭।୧

ନ୍ୟୁଜ୍ ବ୍ୟୁରୋ



ଦୁଇ ଦିନିଆ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ-୨୦୨୫ ମଙ୍ଗଳବାର ଠାରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ସରକାରଙ୍କ ଏହି ମେଗା କାର୍ଯ୍ୟକ୍ରମକୁ ମଙ୍ଗଳବାର ପୂର୍ବାହ୍ଣ ୧୧ଟାରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ପୋଲିସ୍ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

ଅନ୍ୟପକ୍ଷରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ-୨୦୨୫ରେ ପ୍ରଧାନମନ୍ତ୍ରୀ ଯୋଗଦାନ କରୁଥିବାରୁ ଓଡ଼ିଶାକୁ ଦେଶ ବିଦେଶର ପୁଞ୍ଜି ନିବେଶକମାନଙ୍କର ଆଗମନ ଗଙ୍ଗାର ସ୍ରୋତ ଭଳି ଛୁଟିବ। ଆଗାମୀ ଦିନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହେବ। ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି, ଯେଉଁଥି ପାଇଁ କୃଷି ଭିତ୍ତିକ ଶିଳ୍ପ ଠାରୁ ଆରମ୍ଭ କରି ଆଇଟି, ଷ୍ଟିଲ୍, ପେଟ୍ରୋକେମିକାଲ୍ସ, ଫୁଡ୍ ପ୍ରୋସେସିଂ ଏବଂ ପର୍ଯ୍ୟଟନ ଆଦି କ୍ଷେତ୍ରରେ ପୁଞ୍ଜିନିବେଶକୁ ଫୋକସ କରାଯାଇଛି। ଓଡ଼ିଶାରେ ଶିଳ୍ପାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପୁଞ୍ଜିନିବେଶକ ମାନଙ୍କ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ଉପରେ ଗୁରୁତ୍ୱ ମଧ ଦିଆଯାଇଛି।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ ରାଜଧାନୀରେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ପୋଲିସ୍ ଡିସିପି ପିନାକ ମିଶ୍ର ବିସ୍ତୃତ ସୂଚନା ଦେଇ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରାୟ ୬୦ ପ୍ଲାଟୁନ ପୁଲିସ ଫୋର୍ସ ଏବଂ ବିଭିନ୍ନ ପଦବୀର ୪୦୦ରୁ ଅଧିକ ପୁଲିସ ଅଫିସର ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

ଭିଭିଆଇପି, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଶିଳ୍ପପତିଙ୍କ ସମେତ ବହୁ ସାଧାରଣ ଲୋକ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ପାଇଁ ଜନତା ମଇଦାନରେ ଏକାଠି ହେବେ ବୋଲି ଆଶା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ଆସନ୍ତା ତିନି ଦିନ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିଛି।

ବ୍ଲୁ ବୁକ୍‌ରେ ଦର୍ଶାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ଡିସିପି କହିଛନ୍ତି। (ପୃଷ୍ଠା ୭ରେ)

# ଟ୍ରମ୍ପଙ୍କ ସହ ଫୋନ୍‌ରେ କଥା ହେଲେ ମୋଦି

ନୂଆଦିଲ୍ଲୀ, ୨୭।୧



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଫୋନରେ କଥା ହୋଇଛନ୍ତି। ଭାରତ-ଆମେରିକା ସମ୍ପର୍କକୁ ମଜଭୂତ କରିବା ବିଷୟରେ ଦୁଇ ଶୀର୍ଷ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ଟ୍ରମ୍ପ ପୁଣିଥରେ ଆମେରିକାର ରାଷ୍ଟ୍ରପତି ହେବା ପରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଟ୍ରମ୍ପ କଥାବାର୍ତ୍ତା କରିଛନ୍ତି। କୁହାଯାଉଛି ଯେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଟ୍ରମ୍ପଙ୍କ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହୋଇଛି।

ଆମେରିକା ନିର୍ବାଚନରେ ଟ୍ରମ୍ପଙ୍କ ଚମତ୍କାର ବିଜୟ ପରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ଟ୍ରମ୍ପଙ୍କ ବିଜୟ ଉପରେ ପ୍ରଧାନମନ୍ତ୍ରୀ ମୋଦି ଟୁଇଟ କରି ଲେଖିଥିଲେ, ତାଙ୍କର ବନ୍ଧୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବହୁତ ଭଲ ଆଲୋଚନା ହୋଇଛି। ତାଙ୍କର ମହାନ ବିଜୟ ପାଇଁ ତାଙ୍କୁ ବହୁତ ବହୁତ ଅଭିନନ୍ଦନ। ଆମେ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା, ଶକ୍ତି, ମହାକାଶ ଏବଂ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ଭାରତ-ଆମେରିକା ସମ୍ପର୍କକୁ ଆହୁରି ମଜଭୂତ କରିବା ପାଇଁ ପୁଣିଥରେ ଏକାଠି କାମ କରିବାକୁ ଆଶା କରୁଛୁ।

୨୦ ଜାନୁଆରୀ ୨୦୨୫ରେ, ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ। ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚିଠି ଧରି ବୈଦେଶିକ ମନ୍ତ୍ରୀ ଆମେରିକାରେ ପହଞ୍ଚିଥିଲେ। କୁହାଯାଉଛି ଯେ ଦୁଇ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି।

# ଲାଗୁ ହେଲା ୟୁସିସି : ବାହାଘର, ଛାଡ଼ପତ୍ର, ହଲାଲା ଓ ଉତ୍ତରାଧିକାର ଉପରେ ପଡ଼ିବ ପ୍ରଭାବ

ଡେରାଡୁନ, ୨୭।୧




ଏକକ ନାଗରିକ ସଂହିତା ବା ୟୁସିସି ସୋମବାର ଠାରୁ ଉତ୍ତରାଖଣ୍ଡରେ ଲାଗୁ ହୋଇଛି। ଦେଶର ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡ ୟୁସିସି ଲାଗୁ କରିଛି। କେନ୍ଦ୍ରରେ କ୍ଷମତାସୀନ ବିଜେପି ମଧ ପୂରା ଦେଶରେ ୟୁସିସି ଲାଗୁ କରିବାକୁ ବହୁ ଦିନରୁ ପ୍ରୟାସ ଜାରି ରଖିଛନ୍ତି। ଏପରି କି ୨୦୨୨ ଡିସେମ୍ବର ମାସରେ ରାଜ୍ୟସଭାରେ ଏକକ ନାଗରିକ ସଂହିତା ବିଲ୍ ବିଜେପିର ଜଣେ ସାଂସଦ ଉପସ୍ଥାପନ କରିଥିଲେ। ରାଜସ୍ଥାନର ବିଜେପି ସାଂସଦ କିରୋଡି ଲାଲ ମୀନା ପ୍ରାଇଭେଟ ମେମ୍ବର ବିଲ୍ ମାଧ୍ୟମରେ ଏହାକୁ ଗୃହରେ ଉପସ୍ଥାପନ କରିଥିଲେ। ଏହାର ଅର୍ଥ ସରକାର ଏହି ବିଲ୍ ଆଣି ନାହାନ୍ତି କିନ୍ତୁ ସରକାର ଏହାକୁ (ପୃଷ୍ଠା ୭ରେ)

## ପ୍ରକାଶ ମିଶ୍ର ହେଲେ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା

ଭୁବନେଶ୍ୱର, ୨୭।୧

ନ୍ୟୁଜ୍ ବ୍ୟୁରୋ

ପୂର୍ବତନ ପୁଲିସ ଡିଜି ତଥା ୧୯୭୭ ବ୍ୟାଚ୍ ଆଇପିଏସ୍ ଅଧିକାରୀ ପ୍ରକାଶ ମିଶ୍ରଙ୍କୁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତି ଦେଇଛନ୍ତି। ସୋମବାର ଏନେଇ ସାଧାରଣ ପ୍ରଶାସନ (ପୃଷ୍ଠା ୭ରେ)


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ଧାନ ବିକିଲେଣି ୯ ଲକ୍ଷରୁ ଊର୍ଦ୍ଧ୍ୱ ପଞ୍ଜିକୃତ ଚାଷୀ

ଭୁବନେଶ୍ୱର, ୨୭।୧

ନ୍ୟୁଜ୍ ବ୍ୟୁରୋ



ଚଳିତ ଖରିଫ ଋତୁରେ ଧାନ କିଣା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯାଇଛି। ଧାନକିଣା ଲକ୍ଷ୍ୟ ହାସଲ ନେଇ ସରକାର ନେଇଥିବା ପଦକ୍ଷେପ ସଫଳ ହେବାରେ ଲାଗିଛି। ସରକାରୀ ବ୍ୟବସ୍ଥାରେ ସାମିଲ ହୋଇ ପଞ୍ଜିକୃତ ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରିବା ନେଇ କରାଯାଇଥିବା ବ୍ୟବସ୍ଥା ପ୍ରତି ଆସ୍ଥା ପ୍ରକଟ କରିଥିବା ଚାଷୀମାନେ ଅଧିକ ଉତ୍ସାହିତ ହେଉଥିବା ଲକ୍ଷ୍ୟ କରାଯାଉଛି। ସେହିଭଳି (ପୃଷ୍ଠା ୭ରେ)

# ମଧୁସୂଦନ ପାଢୀ ରାଜ୍ୟ ନିର୍ବାଚନ କମିଶନର ନିଯୁକ୍ତ




ଭୁବନେଶ୍ୱର, ୨୭।୧

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ନିର୍ବାଚନ କମିଶନର ଭାବେ ଅବସରପ୍ରାପ୍ତ ଆଇଏଏସ ଅଫିସର ମଧୁସୂଦନ ପାଢୀଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଦିତ୍ୟ ପାଢୀଙ୍କ ଅବସର ପରେ ଏହି ପଦବୀ ଖାଲି ପଡ଼ିଥିଲା।

ଆଗାମୀ ୨୦୨୭ରେ ରାଜ୍ୟରେ ହେବାକୁଥିବା ପଞ୍ଚାୟତ ନିର୍ବାଚନ ପୂର୍ବରୁ ଶ୍ରୀ ପାଢୀଙ୍କୁ ନୂତନ ସରକାର ରାଜ୍ୟର ନୂଆ ନିର୍ବାଚନ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଅପେକ୍ଷା କରିବାକୁ ପଡିବନି
ହେବ ରାଜ୍ୟେ ଏବେ ଶିଳ୍ପ
ସତସତିକା ସବୁ ହେବ ଏବେ
ରହିବନି ଇଏ ଗଳ୍ପ
ବିରୋଧୀ ଜଳିବେ ସ୍ୱଳ୍ପସ୍ୱଳ୍ପ
ତା ଭିତରେ ବି ସବୁର ବିକାଶ
ପୂର୍ଣ୍ଣ ହେବ କାୟା କଳ୍ପ।

# ମନୋଜ ଆହୁଜାଙ୍କୁ ଓଡ଼ିଶାର ମୁଖ୍ୟ ଆବାସିକ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର, ୨୭।୧

ନ୍ୟୁଜ୍ ବ୍ୟୁରୋ



ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଅହୁଜାଙ୍କୁ ନୂଆଦିଲ୍ଲୀରେ ଓଡ଼ିଶାର ମୁଖ୍ୟ ଆବାସିକ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

୧୯୯୦ ବ୍ୟାଚ ଆଇଏଏସ ଅଧିକାରୀ ମନୋଜ ଆହୁଜାଙ୍କର ସେବା ଅବଧି ୧ ଜାନୁଆରୀ ୨୦୨୫ରୁ ଏକ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା। ସେ ମଧ ଗତ ବର୍ଷ ୨୦୨୪ ଅଗଷ୍ଟ ୧୩ରୁ ଶ୍ରୀଜଗନ୍ନାଥ ପରିଚାଳନା କମିଟିର ୱାର୍କିଂ ଚେୟାରମ୍ୟାନ ଭାବରେ କାର୍ଯ୍ୟ କରିଆସୁଛନ୍ତି।

ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି, କାର୍ଯ୍ୟରତ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଅଧକ୍ଷ ତଥା ରାଜ୍ୟର ମୁଖ୍ୟ ଶାସନ ସଚିବ ମନୋଜ ଅହୁଜାଙ୍କୁ ଏହି ଅତିରିକ୍ତ ଦାୟିତ୍ୱରେ ରହିବାକୁ ଅନୁମତି ଦିଆଯାଇଛି। ଜାନୁଆରୀ ୨୪ରେ ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ ବିଭାଗ ଦ୍ୱାରା ଏହି ବିଜ୍ଞପ୍ତି ପ୍ରକାଶ ପାଇଥିଲା। (ପୃଷ୍ଠା ୭ରେ)


# ଭାରତ-ଚୀନ ସମ୍ପର୍କରେ ଆସୁଛି ସୁଧାର



ନୂଆଦିଲ୍ଲୀ/ବେଜିଂ, ୨୭।୧

ବୈଦେଶିକ ସଚିବ ବିକ୍ରମ ମିଶ୍ରି ସୋମବାର ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କୁ ଭେଟି ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ବୈଦେଶିକ ସଚିବ ଦୁଇ ଦିନିଆ ଗସ୍ତରେ ଯାଇ ଚୀନାରେ ପହଞ୍ଚିଛନ୍ତି।

ସେ ଏଠାରେ ଚୀନା ଅଧିକାରୀମାନଙ୍କୁ ଭେଟି ଦୁଇ ଦେଶ ମଧ୍ୟରେ ସମ୍ପର୍କ ଉନ୍ନତ କରିବାକୁ ସେ ଚେଷ୍ଟା କରିବେ। ବୈଦେଶିକ ମନ୍ତ୍ରୀ ହେବା ବ୍ୟତୀତ, ୱାଙ୍ଗ ଶାସକ କମ୍ୟୁନିଷ୍ଟ ପାର୍ଟିର ଶକ୍ତିଶାଳୀ ରାଜନୈତିକ ବ୍ୟୁରୋର ସଦସ୍ୟ ଏବଂ ଭାରତ-ଚୀନ ସୀମା ବ୍ୟବସ୍ଥା ପାଇଁ ଚୀନାର ସ୍ୱତନ୍ତ୍ର ପ୍ରତିନିଧି ଭାରତୀୟ ପକ୍ଷରୁ ପ୍ରତିନିଧିତ୍ୱ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ କରୁଛନ୍ତି। (ପୃଷ୍ଠା ୭ରେ)





# ଫେବୃଆରୀ ୫ରେ ମହାକୁମ୍ଭରେ ବୁଡ଼ ପକାଇବେ ମୋଦି



**ନୂଆଦିଲ୍ଲୀ,**
ଦୀର୍ଘ ୧୪୪ ବର୍ଷ ପରେ ପ୍ରୟାଗରାଜର ପବିତ୍ର ଭୂମିରେ ଚାଲିଛି ମହାକୁମ୍ଭ ମେଳା । ଆଉ ଏନେଇ ବିଶ୍ୱର କୋଣଅନୁକୋଣରୁ ଆସିଥିବା ଶ୍ରଦ୍ଧାଳୁଙ୍କ ବୁଡ଼ରେ ମୁଖରିତ ହେଉଛି ପବିତ୍ର ଧାମ । ଏହି ଭବ୍ୟ ମେଳାରେ ଲକ୍ଷାଧିକ ସଂଖ୍ୟାରେ ସାଧୁ, ମହାତ୍ମା, ବାବା, ସାଧବୀଙ୍କ ମେଳ ହୋଇଛି । ସାଧନାକୁ ଜୀବନର ଶୃଙ୍ଗାର କରିଥିବା ଅନେକ ବିଚିତ୍ର ବାବାଙ୍କୁ ଏହି ମେଳାରେ ଦେଖିବାକୁ ମିଳୁଛି । ଏହାରି ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫ ଫେବୃଆରୀରେ ମହାକୁମ୍ଭରେ ସ୍ନାନ କରିବେ ବୋଲି ତାଙ୍କର କାର୍ଯ୍ୟକ୍ରମ ଘୋଷଣା କରାଯାଇଛି । ସେହି ଦିନ କଂଗ୍ରେସ ରାଜ୍ୟ ସଭାପତି ଅଜୟ ରାୟ ମଧ୍ୟ ତ୍ରିବେଣୀରେ ବୁଡ଼ ପକାଇବେ। ତେବେ କଂଗ୍ରେସ ପ୍ରଦେଶ ଅଧ୍ୟକ୍ଷଙ୍କ ସହ ଦଳର ଆଉ କେତେଜଣ ନେତା ଓ ପଦାଧିକାରୀ ମଧ୍ୟ ସେହିଦିନ ବୁଡ ପକାଇବେ। ସେହିପରି ଉପରାଷ୍ଟ୍ରପତି ଫେବୃଆରୀ ୨ ରେ ପ୍ରୟାଗର ସଙ୍ଗମରେ ବୁଡ଼ ପକାଇବାର ସମ୍ଭାବନା ରହିଛି । ଏହା ସହିତ, ମାନ୍ୟବର ରାଷ୍ଟ୍ରପତି ୧୦ ଫେବୃଆରୀରେ ପ୍ରୟାଗରାଜ ପରିଦର୍ଶନ କରିପାରନ୍ତି ବୋଲି ସୂଚନା ମିଳିଛି । ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସେ ସହରରେ ଆୟୋଜିତ କେତେକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି ଉଚ୍ଚ ପଦାଧିକାରୀଙ୍କ ଆଗମନ ହେତୁ ପ୍ରଶାସନିକ ଏବଂ ସୁରକ୍ଷା ପ୍ରସ୍ତୁତି ରଖାଯାଇଛି ।


# ରାଜ୍ୟରେ ରେକର୍ଡ ଭାଙ୍ଗିଲାଣି ତାତି: କୋରାପୁଟରେ ୩୩.୨ ଡିଗ୍ରୀ ପାରଦ ପାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କାଲୁଆ କୋରାପୁଟରେ ଖରା ତାଉ । ଭାଙ୍ଗିଲା ଜାନୁଆରୀର ସର୍ବକାଳୀନ ତାତି ରେକର୍ଡ । ସ୍ୱାଭାବିକଠାରୁ ସାଢ଼େ ୫ ଡିଗ୍ରୀ ଉପରକୁ ଡେଇଁ ବୁଧବାର କୋରାପୁଟରେ ଦିନ ତାପମାତ୍ରା ୩୩.୨ ଡିଗ୍ରୀ ସେଲସିୟସ୍ ?ରେ ପହଞ୍ଚିଛି । ଜାନୁଆରୀ ମାସରେ କୋରାପୁଟରେ କେବେ ଏମିତି ଗରମ ଅନୁଭବ ହୋଇନଥିଲା । ଏହାପୂର୍ବରୁ ୨୦୦୯ ଜାନୁଆରୀ ୩୧ରେ କୋରାପୁଟରେ ସର୍ବୋଚ୍ଚ ତାତ ଥିଲା ୩୩ ଡିଗ୍ରୀ । ଏଥର ଜାନୁଆରୀର ସବୁ ତାତି ରେକର୍ଡ ଭାଙ୍ଗିଛି କୋରାପୁଟ । ଏଭଳି ସ୍ଥିତି ପାଣିପାଗ ବିଜ୍ଞାନୀଙ୍କୁ ଚମକାଇ ଦେଇଛି । ରେକର୍ଡ କହୁଛି, ୨୦୦୯ ଜାନୁଆରୀରେ କୋରାପୁଟରେ ଏଭଳି ଭୀଷଣ ଗରମ ଅନୁଭୂତ ହୋଇଥିଲା । ସେହି ବର୍ଷ ଏପ୍ରିଲ ଓ ମେ' ମାସରେ ଭୀଷଣ ଗ୍ରୀଷ୍ମ ପ୍ରବାହରେ ଜଳିଥିଲା ଓଡ଼ିଶା ।



୨୦୦୯ ଗ୍ରୀଷ୍ମ ପ୍ରବାହରେ ରାଜ୍ୟରେ ୧୧୩ ଜଣଙ୍କର ମୃତ୍ୟୁ ହୋଇଥିଲା । ଏ ବର୍ଷ ଜାନୁଆରୀର ଗରମ ପୁଣି ଥରେ ଭୀଷଣ ତାତିର ସଙ୍କେତ ଦେଉନି ତ ? ରାଜ୍ୟରେ ହଠାତ୍ ଯେମିତି ଗରମ ପବନ ପଶିଯାଇଛି । ଟାଣ ହୋଇଛି ଖରା । ଘରେ ବି ଗରମ ଲାଗୁଛି । ଏପଟେ ରାତିର ଶୀତ ପ୍ରବାହ ବି କମିଛି । ପାଣିପାଗ ବିଭାଗ କହୁଛି, ଦିନ ତାପମାତ୍ରା ଏମିତି ରହିବ। ରାତି ତାପମାତ୍ରା ଯେତିକି ଅଛି, ତା'ଠାରୁ ୨ରୁ ୪ ଡିଗ୍ରୀ ସେଲସିୟସ୍ ? ବଢ଼ିଯିବ । ଅର୍ଥାତ୍ ? ଶୀତ ଏକରକମ ଗାଏବ ହୋଇଯିବ ବର୍ତ୍ତମାନ ପାଇଁ । ଜାନୁଆରୀ ଯାଇନି । ଏବେଠାରୁ ତାଉ ଦେଖାଇଲାଣି ଖରା । ପ୍ରାୟ ସବୁଠି ସ୍ୱାଭାବିକଠାରୁ ଅଧିକ ରହିଛି ଦିନ ତାପମାତ୍ରା । ପାରଳାଖେମୁଣ୍ଡିରେ ଦିନ ତାପମାତ୍ରା ୩୪.୨ ଡିଗ୍ରୀ ସେଲସିୟସ୍ ଛୁଇଁଥିବାବେଳେ ଅଧିକାଂଶ ସ୍ଥାନରେ ପାରଦ ୩୨ ଉପରେ ରହିଛି । କୋରାପୁଟ ଭଳି ଥଣ୍ଡା ଅଞ୍ଚଳରେ ଦିନ ତାପମାତ୍ରା ୩୩ ଡିଗ୍ରୀ ଟପିଛି । କେନ୍ଦୁଝର ଓ ଝାରସୁଗୁଡ଼ାରେ ଦିନର ତାପମାତ୍ରା ଯେତିକି ରହିବା କଥା, ତା'ଠାରୁ ୪.୮ ଡିଗ୍ରୀ ଅଧିକ ଅଛି । ଅନୁଗୁଳରେ ୨.୮, ବାଲେଶ୍ୱରରେ ୩.୭, ଭୁବନେଶ୍ୱରରେ ୨.୨, ସମ୍ବଲପୁରରେ ୩.୬ ଡିଗ୍ରୀ ସେଲସିୟସ୍ ? ଅଧିକ ରହିଛି ଦିନ ତାପମାତ୍ରା । ବରଗଡ଼ର ଦିନ ତାପମାତ୍ରା ୩୩ ଡିଗ୍ରୀ ଥିବାବେଳେ ସୁନ୍ଦରଗଡ଼ ୩୩.୫, ଝାରସୁଗୁଡ଼ା ୩୩, ନୂଆପଡ଼ା ୩୨.୪, ଟିଟିଲାଗଡ଼ ୩୨.୫, ଜଗତସିଂହପୁର ୩୨.୫, ସମ୍ବଲପୁର ୩୨.୩, ମାଲକାନଗିରି ୩୨.୨, ତାଳଚେର ୩୨.୨, ଅନୁଗୁଳ ୩୨.୧, ନବରଙ୍ଗପୁର ୩୨, ଭୁବନେଶ୍ୱର ୩୧.୯, ବାଲେଶ୍ୱର ୩୦.୮ ଡିଗ୍ରୀ ସେଲସିୟସ୍ ? ଥିଲା। ଅନ୍ୟପଟେ ରାତି ତାପମାତ୍ରା ବି ବଢ଼ିବାରେ ଲାଗିଛି । ମଙ୍ଗଳବାର ରାତିରେ ଫୁଲବାଣୀକୁ ବାଦ୍ ଦେଲେ କୌଣସି ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳେ ନଥିଲା । ଉପକୂଳ ଅଞ୍ଚଳରେ ରାତି ତାପମାତ୍ରା ୧୫ ଡିଗ୍ରୀ ପାଖାପାଖି ପହଞ୍ଚିଛି । ପାଣିପାଗ ବିଭାଗ କହିଛି, ବର୍ତ୍ତମାନ କୁହୁଡ଼ି ଲାଗି ରହିବ ୨୪ ତାରିଖ ପର୍ଯ୍ୟନ୍ତ । ୨୩ ତାରିଖ ସକାଳେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକର କିଛି ସ୍ଥାନ ସମେତ କଟକ, ଖୋର୍ଦ୍ଧା, ପୁରୀ, ଯାଜପୁର, ଅନୁଗୁଳ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ରେ ମଧ୍ୟମ ଧରଣର କୁହୁଡ଼ି ହେବ । ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକର ସ୍ଥାନେ ସ୍ଥାନେ ଘନ କୁହୁଡ଼ି ଆଶଙ୍କା ଅଛି । ବିଶେଷଜ୍ଞ କହିଛନ୍ତି, ବର୍ତ୍ତମାନ ଉତ୍ତର ଭାରତ ଉପରେ ପଶ୍ଚିମା ଝଡ଼ ପ୍ରଭାବ ରହିଛି । ଏପଟେ ବାୟୁମଣ୍ଡଳ ମଧ୍ୟଭାଗରେ ଜଳୀୟ ବାଷ୍ପ ନଥିବାରୁ ସୂର୍ଯ୍ୟ କିରଣ ସିଧା ପଡ଼ିବାରୁ ତାପମାତ୍ରା ବଢ଼ିଛି । ୨୫ ଯାଏଁ ଏଭଳି ପାଗ ରହିପାରେ ।

# ଶକ୍ତି ସଂରକ୍ଷଣ ପାଇଁ ନିଆଯାଉଥିବା ପଦକ୍ଷେପକୁ ଶୀଘ୍ର କାର୍ଯ୍ୟକାରୀ କର: ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଖାରବେଳ ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନର୍ଜି ଏଫିସିଏନ୍ସି ସର୍ଭିସର ବରିଷ୍ଠ ଅଧିକାରୀ ଶକ୍ତି ସଂରକ୍ଷଣ ପାଇଁ ଆଗାମୀ ପଦକ୍ଷେପ ବାବଦରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଥିଲେ । ଓଡ଼ିଶା ସରକାରଙ୍କ ସହ ସହଭାଗିତାରେ କାର୍ଯ୍ୟ କରି ଉପଭୋକ୍ତାଙ୍କୁ କମ୍ ବିଦ୍ୟୁତ ଖର୍ଚ୍ଚ ହେଉଥିବା ଉପକରଣ ସୁଲଭ ମୂଲ୍ୟରେ ଯୋଗାଇଦେବା ବିଷୟରେ ଆଲୋଚନା କରାଯାଇଥିଲା। ଉର୍ଜାବୀର ଭଳି ଯୋଜନା ଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା ଏବଂ ଏନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ସରକାରୀ ଅଫିସ ଗୁଡିକରେ ବହୁବର୍ଷ ଧରି ଚାଲି ଆସୁଥିବା ପୁରୁଣା ଫ୍ୟାନ ଗୁଡ଼ିକୁ ବଦଳାଇ ଶକ୍ତି ସଂରକ୍ଷଣ କରୁଥିବା ଫ୍ୟାନ ଓ ବୈଦ୍ୟୁତିକ ଉପକରଣ ଲଗାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଯୋଜନା ଗୁଡ଼ିକୁ ଭଲଭାବେ ତର୍ଜମା କରି ଆଗାମୀ ପଦକ୍ଷେପ ନେବା ଓ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ ଦେବ, ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ପ୍ୟାରୀମୋହନ ମିଶ୍ର ଏବଂ ଇଇଏସଏଲର ବରିଷ୍ଠ ଅଧିକାରୀ ବୃନ୍ଦ ଯୋଗଦେଇଥିଲେ ।

# ଓଡିଆ ଚଳଣିରୁ ହଜିଗଲାଣି ଢିଙ୍କି : ଆଉ ନାହିଁ ଢିଙ୍କିକୁଟା ଚାଉଳର ମହକ

**ଭଞ୍ଜନଗର, ନ୍ୟୁଜ ବ୍ୟୁରୋ**
ପୂର୍ବରୁ ଗାଁର ଘରେ ଘରେ ଢିଙ୍କି ରହିଥିଲା । ଯେଉଁଥିରେ ଧାନ କୁଟା ଯାଏ । ଚାଉଳରୁ ଚୁନା ପ୍ରସ୍ତୁତ ହୁଏ। ହେଲେ ଏବେ ଆଉ ଢିଙ୍କି ଦେଖିବାକୁ ମିଳୁନାହିଁ । ଢିଙ୍କିର ଜାଗା ନେଇଛି ମେସିନ । ସବୁକିଛି କାମ ମେସିନ ଦ୍ୱାରା ସହଜ ହୋଇଯାଉଛି । ଫଳରେ ଦିନେ ଆମ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଥିବା ଅନେକ ଜିନିଷ ଅଲୋଡ଼ା ହୋଇଗଲାଣି । ଠିକ୍ ଢିଙ୍କି ପରି । ଓଡିଆ ଚଳଣିରୁ ଢିଙ୍କି ହଜିବାକୁ ବସିଛି । ଅସ୍ତିତ୍ୱ ହରାଇବାକୁ ବସିଛି। ଏବେ କେବଳ ଢିଙ୍କି ସ୍ମୃତି ହୋଇ ରହିଛି। ଆଗାମୀ ପିଢି କେବେଳ ଇତିହାସ ହୋଇ ରହିଯିବ ଢିଙ୍କି । ଆଗରୁ ଗାଁର ଘରେ ଘରେ ଢିଙ୍କି ଥିଲା। ଢିଙ୍କି ରହୁଥିବା ସ୍ଥାନକୁ ଢିଙ୍କିଶାଳ କୁହାଯାଏ । ଢିଙ୍କିରେ ଧାନରୁ ଚାଉଳ, ଚାଉଳରୁ ଚୁନା ସମେତ ହଳଦୀ, ମୁଗ, ବିରି ଆଦି



ବିଭିନ୍ନ ସାମଗ୍ରୀ କୁଟାଯାଉଥିଲା । ଢିଙ୍କି କୁଟା ଚାଉଳ ମିଲ୍ ଚାଉଳ ଠାରୁ ସ୍ୱାସ୍ଥ୍ୟକର । ଏହି କାରଣରୁ ଏବେବି ଅନେକ ସ୍ୱାସ୍ଥ୍ୟ ସଚେତନ ଲୋକ ଢିଙ୍କି କୁଟା ଚାଉଳ ଅର୍ଡର କରି ଖାଉଛନ୍ତି । ଢିଙ୍କିକୁଟା ଧାନରୁ ଚାଉଳ ବାହାରିଲେ ମଧ୍ୟ ଧାନରେ କୁଣ୍ଡାଟି ଅତି ପତଳା ଚୋପା ଆକାରରେ ଲାଗିଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ଅନ୍ୟପଟେ ଏହାଦ୍ୱାରା କୁଟୁଥିବା ଲୋକଙ୍କ ଶାରୀରିକ ପରିଶ୍ରମ ବ୍ୟାୟାମ ଭଳି ଉତ୍ତମ ସ୍ୱାସ୍ଥ୍ୟରକ୍ଷାରେ ସହାୟକ ହୁଏ । ବିଶେଷ କରି ମହିଳାମାନେ ଏହି କାର୍ଯ୍ୟ କରି ଆସୁଥିଲେ । କ୍ରମଶଃ ଚାଉଳ କଳର ବହୁଳ ବ୍ୟବହାର ଯୋଗୁଁ ଢିଙ୍କିରେ ଆଉ କିଏ ପରିଶ୍ରମ କରିବାକୁ ଚାହୁଁନାହାନ୍ତି । ତେଣୁ ଢିଙ୍କିର ବ୍ୟବହାର କମିଛି । ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ନିକଟରେ ଦୋମୁହାଁଣୀ ପଞ୍ଚାୟତର ପାହାଡ଼ ଉପରେ ଥିବା ଉପାନ୍ତ ଆଦିବାସୀ ଗାଁ ଗଅପଦରକୁ ଯାଇଥିଲେ । ସେଠାରେ ସମସ୍ତଙ୍କ ଘରେ ଢିଙ୍କି ଥିବା ଦେଖିଥିଲେ । ଆଧୁନିକତା ଛୁଇଁନଥିବା ଏହି ଗାଁରେ ଲୋକେ ଏବେବି ଢିଙ୍କି ବ୍ୟବହାର କରି କାଣ୍ଡିଆ ଉଷୁନା ଚାଉଳ ଖାଉଥିବାରୁ ସେମାନେ ବେଶ୍ ନିରୋଗ ରହିଛନ୍ତି। ଅନ୍ୟପଟେ ରାଜ୍ୟ ସରକାର ଢିଙ୍କିକୁଟା ଚାଉଳକୁ ଲୋକାଦୃତ କରିବାକୁ କିଛି ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀଙ୍କୁ କିଲୋ ଆକାରେ ପ୍ୟାକିଂ କରି ବଜାରରେ ଉପଲବ୍ଧ କରାଇବାକୁ ଯୋଜନା କରୁଥିବା ଜଣାଯାଇଛି । ଏହାଦ୍ୱାରା ଏସ୍ଏଚ୍ଜି ସଦସ୍ୟାମାନେ ରୋଜଗାର ପାଇବା ସହ ସ୍ୱାସ୍ଥ୍ୟ ଉପଯୋଗୀ କାଣ୍ଡିଆ ଚାଉଳ ମିଳିପାରିବ । ଏହାର ଚାହିଦା ଥିବାରୁ ଏକ୍ଷେତ୍ରରେ ଏସ୍ଏଚ୍ଜି ସଭ୍ୟାମାନଙ୍କୁ ତାଲିମ ପ୍ରଦାନ ସହ ବିକ୍ରିବଟା ସୁଯୋଗ ସୃଷ୍ଟି ଉପରେ ସରକାରୀସ୍ତରରେ ଉଦ୍ୟମର ଆବଶ୍ୟକତା ରହିଛି ।

# ବାଙ୍କୁଆଳରେ ଜମୁଛି ବଣଭୋଜି : ଲୋକଙ୍କୁ ଆକର୍ଷିତ କରୁଛି କୁଆଖାଇ ନଦୀ ପଠାର ଶାନ୍ତ, ସୁନ୍ଦର ପରିବେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଏବେ ଚାଲିଛି ପିକନିକ୍ ଋତୁ। ନିଜ ନିଜ ପରିବାର କିମ୍ବା ସାଙ୍ଗସାଥୀଙ୍କ ସହ ବଣଭୋଜି କରିବା ପାଇଁ ପିକନିକ୍ ସ୍ପଟକୁ ଯାଉଛନ୍ତି ଲୋକେ। ଭୁବନେଶ୍ୱରରେ କିଏ ଜୟଦେବ ବାଟିକା ଯାଉଛି ତ ଆଉ କେହି ଶିଖର ଚଣ୍ଡୀ। ହେଲେ ଭୁବନେଶ୍ୱରରେ ଏବେ ବଣଭୋଜିର ନୂତନ ସ୍ପଟ୍ ପାଲଟିଛି ଟଙ୍କପାଣି ରୋଡ୍ ସ୍ଥିତ ବାଙ୍କୁଆଳ। କୁଆଖାଇ ନଦୀ କୂଳରେ ଅତ୍ୟନ୍ତ ଶାନ୍ତ, ସୁନ୍ଦର ଓ ମନୋରମ ପରିବେଶ ମଧ୍ୟରେ ରହିଛି ଏହି ସ୍ଥାନଟି। ଏଥିଯୋଗୁ ଛୁଟିଦିନରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼। ବଣଭୋଜି ପାଇଁ ଗ୍ରାମ କମିଟି ମଧ୍ୟ ସହଯୋଗ କରୁଛି। ପୂର୍ବରୁ ଏହି ସ୍ଥାନରେ ବଣ ଭୋଜି ହେଉନଥିଲା । ହେଲେ କିଛିବର୍ଷ ହେବ ଏହି ନଦୀପଠାରେ ବୋଇତବନ୍ଦାଣ କାର୍ଯ୍ୟକ୍ରମ ଚାଲିଛି । ତେଣୁ ଧୀରେଧୀରେ ଲୋକେ ବାଙ୍କୁଆଳକୁ ଆସିବା ଆରମ୍ଭ କରିଛନ୍ତି । ନଦୀପଠାରେ ଜଙ୍ଗଲ ସହ ଉଚ୍ଚ ଗଛ ରହିଛି । ସେହିପରି ବାବା ବାଲୁଙ୍କେଶ୍ୱର, ମା' ବାଙ୍କୁଳାଇଙ୍କ ମନ୍ଦିର ଅଛି । କେବଳ ସେତିକିନୁହେଁ, ନଦୀପଠାକୁ ଯିବା ରାସ୍ତାରେ ବାବା ମେଘେଶ୍ୱର, ଟଙ୍କପାଣି ସାଇ ମନ୍ଦିର ପଡ଼ିବ। ଗାଁ ସେପଟେ ହିରାପୁରର ପ୍ରସିଦ୍ଧ ଚଉଷଠି ଯୋଗିନୀ ମନ୍ଦିର ମଧ୍ୟ ଅବସ୍ଥିତ । ସେଥିପାଇଁ ଦୈନନ୍ଦିନ ଭୁବନେଶ୍ୱର ସମେତ ଆଖପାଖ ଗାଁର ଶ୍ରଦ୍ଧାଳୁମାନେ ଏହିସବୁ ମନ୍ଦିର ଓ ପର୍ଯ୍ୟଟନସ୍ଥଳ ସହ ଗାଁର ଏହି ଦୁଇଟି ମନ୍ଦିରକୁ ଆସିଥାନ୍ତି । ଏପଟେ ଶୀତଦିନେ ଜଙ୍ଗଲ ପରିବେଶଟି ସୁନ୍ଦର ଦେଖାଯାଉଥିବାରୁ ବାଙ୍କୁଆଳ ଗାଁ କମିଟି ପକ୍ଷରୁ ଏଠାରେ ନିଶୁଳ୍କ ବଣଭୋଜି ସ୍ପଟ୍ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ସେଥିପାଇଁ ଚଳିତବର୍ଷ ଏଠାରେ ବଣଭୋଜି ଆରମ୍ଭ ହୋଇଛି । ଗାଁଲୋକଙ୍କ ସହଯୋଗକ୍ରମେ ନଦୀପଠାରେ ପରିଦର୍ଶକଙ୍କ ବସିବା ପାଇଁ କଂକ୍ରିଟ ଚୌକି, ପାଣିକୁଣ୍ଡ ଓ ଡଷ୍ଟବିନ୍ ରଖାଯାଇଛି । ତେଣୁ ବଣଭୋଜି ପାଇଁ ଏହି ସ୍ଥାନଟି ସୁହାଉଛି । ତେବେ ଗାଁ କମିଟି ତରଫରୁ ଏହି ସ୍ଥାନକୁ ସଫା, ସୁତୁରା ରଖିବାକୁ କୁହାଯାଉଛି । ତେବେ ଆଗକୁ ପର୍ଯ୍ୟଟନ ବିଭାଗ ଏଦିଗରେ ଦୃଷ୍ଟି ଦେଲେ ଏଠାକୁ ଆହୁରି ପରିଦର୍ଶକ ଆସିପାରିବେ ବୋଲି ଗାଁ କମିଟି ପକ୍ଷରୁ କୁହାଯାଇଛି ।

# ଭଦ୍ରକରେ ୫ ବର୍ଷର ଶିଶୁ ଚୋରି ଅଭିଯୋଗ, ଛୁଆ ନେଇଗଲା ଅଟୋ ଡ୍ରାଇଭର୍




**ଭଦ୍ରକ, ନ୍ୟୁଜ ବ୍ୟୁରୋ**
ଭଦ୍ରକରେ ୫ ବର୍ଷର ଶିଶୁ ଚୋରି ଅଭିଯୋଗ। ଛୁଆ ନେଇଗଲା ଅଟୋ ଡ୍ରାଇଭର୍। ଗୋଟିଏ ଅଟୋ ଫେରାର୍ ଥିବା ବେଳେ ଅନ୍ୟ ଜଣେ ଅଟୋ ଡ୍ରାଇଭରକୁ ଧରି ପୋଲିସ ଜିମା ଦେଲେ ସ୍ଥାନୀୟ ଲୋକେ। ସୂଚନାନୁଯାୟୀ, ମହାରାଷ୍ଟ୍ରରୁ କିଛି ଲୋକ ଭଦ୍ରକ ଆସିଥିଲେ। ଭଦ୍ରକ ଷ୍ଟେସନରେ ଓହ୍ଲାଇବା ପରେ ଦୁଇଟି ଅଟୋରେ ବନ୍ତ ଛକ ନିକଟକୁ ଆସିଥିଲେ। ଗୋଟିଏ ଅଟୋରୁ ସବୁ ଯାତ୍ରୀ ଓହ୍ଲାଇ ଯାଇଥିଲେ। ହେଲେ ୫ ବର୍ଷର ଏକ ଛୋଟ ପିଲା ଗାଡ଼ିରେ ବସିଥିଲା। ଏହାର ସୁଯୋଗ ନେଇ ଅଟୋ ଡ୍ରାଇଭର୍ ପିଲାଟିକୁ ନେଇ ଦ୍ରୁତ ଗତିରେ ଫେରାର୍ ହୋଇଯାଇଥିଲା। ଯାତ୍ରୀଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ଅନ୍ୟ ଅଟୋ ଡ୍ରାଇଭରକୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅଟୋ ଡ୍ରାଇଭରକୁ ଥାନାକୁ ଆଣି ପଚରାଉଚରା କରୁଛି। ଫେରାର୍ ଥିବା ଅଟୋବାଲାକୁ ପୋଲିସ ଖୋଜୁଛି।

# ଶିକାରୀଙ୍କୁ ଧରାଇ ଦେଲା ଏଆଇ କ୍ୟାମେରା : ୩ ଜଣଙ୍କୁ ଧରିଲା ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ୍ ଟିମ୍

**କରଞ୍ଜିଆ, ନ୍ୟୁଜ ବ୍ୟୁରୋ**
ଶିମିଳିପାଳ ଅଭୟାରଣ୍ୟରେ ଶିକାରୀ ସକ୍ରିୟ । ପୁଣି ଶିକାରୀଙ୍କୁ ଧରାଇ ଦେଲା ଏଆଇ କ୍ୟାମେରା । ଶିକାର ପାଇଁ ଉଦ୍ୟମ ବେଳେ ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡରୁ ୩ ଶିକାରୀଙ୍କୁ ଧରିଲା ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ୍ ଟିମ୍ । ସେମାନଙ୍କ ନିକଟରୁ ୨ ଟି ଦେଶୀ ବନ୍ଧୁକ, ଧନୁ ତୀର ଓ ଶିକାର ପାଇଁ ବ୍ୟବହୃତ ଫାସ ଜବତ କରାଯାଇଛି । ୩ ଅଭିଯୁକ୍ତ ଉଦଳା ଥାନା ଅଞ୍ଚଳର ବୋଲି ଜଣା ପଡିଛି । ଏ ନେଇ ସୂଚନା ଦେଇଛନ୍ତି ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡର ଉପ ନିର୍ଦ୍ଦେଶକ ସମ୍ରାଟ୍ ଗୌଡା । ସୂଚନା ମୁତାବକ, ୩ ଶିକାରୀ ଶିମିଳିପାଳ ଅଭୟାରଣ୍ୟ ଭିତରକୁ ଶିକାର କରିବା ପାଇଁ ପଶିଥିଲେ । ଏହି ସମୟର କିଛି ଦୃଶ୍ୟ ଏଆଇ କ୍ୟାମେରାରେ




କଏଦ ହୋଇଥିଲା । ଯାହା ଶିକାରୀଙ୍କୁ ଧରିବାରେ ସାହାଯ୍ୟ କରିଛି । ଶିକାର ପାଇଁ ଉଦ୍ୟମ କରିବା ବେଳେ ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡରୁ ୩ ଶିକାରୀଙ୍କୁ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ଧରିବାରେ ସଫଳ ହୋଇଛି । ସେମାନଙ୍କ ନିକଟରୁ ୨ ଟି ଦେଶୀ ବନ୍ଧୁକ, ଧନୁ, ତୀର ଓ ଶିକାର ପାଇଁ ବ୍ୟବହୃତ ଫାସ ଜବତ କରାଯାଇଛି । ଏ ନେଇ ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡର ଉପ ନିର୍ଦ୍ଦେଶକ ସମ୍ରାଟ୍ ଗୌଡା ସୂଚନା ଦେଇଛନ୍ତି ।

# ରାଜଧାନୀରେ ସିରିଜ୍ ଦୁର୍ଘଟଣା : ମୋ ବସ୍‌କୁ ପିଟିଲା ଆଉ ଏକ ମୋ ବସ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱରର ରାଜମହଲ ଛକ ନିକଟରେ ସିରିଜ୍ ଦୁର୍ଘଟଣା । ମୋ ବସ୍‌କୁ ପଛପଟୁ ଧକ୍କା ଦେଲା ଆଉ ଏକ ମୋ ବସ୍। ତା ପଛକୁ ଆଉ ଦୁଇଟି କାର୍ ମଧ୍ୟ ପିଟି ହୋଇଛି । ଏହି ଘଟଣାରେ ମୋଟ ୪ ଟି ଗାଡ଼ି ପଛକୁ ପଛ ପିଟି ହୋଇଛି । ଦୁର୍ଘଟଣା ହେବା ଫଳରେ ରାଜମହଲ ରାସ୍ତା ଜାମ୍ ହୋଇଥିବା ବେଳେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିବାର ଦେଖିବାକୁ ମିଳିଛି । ସୂଚନା ମୁତାବକ, ଜନପଥ ରୋଡ୍‌ର ରାଜମହଲ ଛକ ନିକଟରେ ଏକ ମୋ ବସ୍‌କୁ ଆଉ ଏକ ମୋ ବସ୍ ପଛପଟୁ



ଧକ୍କା ଦେଇଥିଲା । ଏହାର କିଛି ସେକେଣ୍ଡ ଭିତରେ ଉକ୍ତ ମୋ ବସ୍ ପଛକୁ ପଛ ଆଉ ଦୁଇଟି କର ଧକ୍କା ହୋଇଥିଲା । ଫଳରେ ଏହି ସିରିଜ୍ ଦୁର୍ଘଟଣାରେ ମୋଟ ୪ ଟି ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହା ଦେଖି ସ୍ଥାନୀୟଲୋକେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି । ତେବେ ଏହି ଦୁର୍ଘଟଣା ଫଳରେ ଘଟଣା ସ୍ଥଳରେ ରାସ୍ତା ଜାମ୍ ହୋଇଯାଇଥିଲା । ଗାଡ଼ି ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା ।

# ବିଧାନସଭା ଗ୍ରନ୍ଥାଗାର ସବ୍‌କମିଟି ବୈଠକ ଅନୁଷ୍ଠିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଧାନସଭା ଗ୍ରନ୍ଥାଗାର ଗବେଷଣା ସବ୍‌କମିଟିର ପ୍ରଥମ ବୈଠକ ବିଧାନସଭା ୫୩ ନଂ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସବ୍‌କମିଟିର ଅଧ୍ୟକ୍ଷ ବିଧାୟକ ଶ୍ରୀ ସରୋଜ କୁମାର ପାଢ଼ୀଙ୍କ ସମେତ ସବ୍‌କମିଟିର ସଦସ୍ୟ ବିଧାୟକ ଦୁର୍ଗାଚରଣ ତନ୍ତୀ, ପ୍ରକାଶ କୁମାର ସୋରେନ, ରଘୁନାଥ ଜଗଦଳ, ଡ. ଦୁର୍ଗାପ୍ରସନ୍ନ ନାଏକ, ପୂର୍ଣ୍ଣଚନ୍ଦ୍ର ସେଠୀ, ବଦ୍ରିନାରାୟଣ ପାତ୍ର, ନବକିଶୋର ମଲ୍ଲିକ, ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଏହି ବୈଠକରେ ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ଗବେଷଣା ଶାଖାର କାର୍ଯ୍ୟଧାରା ସଂପର୍କିତ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଆଗାମୀ ଦିନରେ କିପରି ଏହି ବିଭାଗକୁ ଅଧିକ କ୍ରିୟାଶୀଳ କରାଯାଇପାରିବ ସେ ସଂପର୍କରେ ବିଷଦ ଭାବେ ବାଖ୍ୟା କରିଥିଲେ। ଅଧ୍ୟକ୍ଷଙ୍କ ସମେତ ସମସ୍ତ ସଦସ୍ୟ ଏ ଦିଗରେ ଅନୁକୂଳ ମତପୋଷଣ କରିଥିଲେ । ଅଧ୍ୟକ୍ଷ ଶ୍ରୀ ପାଢ଼ୀ ଗବେଷଣା ଶାଖାର ସୁବିଧା ଅସୁବିଧା ସମ୍ପର୍କରେ ଅବଗତ ହେବା ସହ ସଦସ୍ୟମାନେ କିପରି ତଥ୍ୟ ଓ ସୂଚନା ପାଇପାରିବେ ସେ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏହି ବୈଠକରେ ଗବେଷଣା ଶାଖାର ସମସ୍ତ ଅଧିକାରୀ ଯୋଗଦେଇଥିଲେ ।

## ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଆଇଆଇଟି ଭୁବନେଶ୍ୱର

# ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓ ସିଇଇଡବ୍ଲ୍ୟୁ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଏକ ଦୂରଦୃଷ୍ଟିସଂପନ୍ନ କାର୍ଯ୍ୟକ୍ରମ ସ୍ୱରୂପ, ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ରାଜ୍ୟରେ ଜଳବାୟୁ ସ୍ଥିରତା ଏବଂ ସ୍ଥାୟୀ ବିକାଶ ପ୍ରୟାସକୁ ବୃଦ୍ଧି କରିବା ପାଇଁ ତିନୋଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ସହଭାଗିତା ଦ୍ୱାରା ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା କରିବା, ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ଏବଂ ଓଡ଼ିଶାର ସମୃଦ୍ଧ ଜୈବ ବିବିଧତା ତଥା ଉପକୂଳୀୟ ପରିସଂସ୍ଥାନକୁ ସୁରକ୍ଷା ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ଉପକୂଳ ପରିସଂସ୍ଥାର ପୁନରୁଦ୍ଧାର, ସୁରକ୍ଷା ଏବଂ ପରିଚାଳନା ନିମନ୍ତେ ଆଇଆଇଟି, ଭୁବନେଶ୍ୱର ସହ ଭାଗୀଦାରିତା:- ଓଡିଶା ଉପକୂଳରେ ସାମୁଦ୍ରିକ ଘାସ ଶଯ୍ୟା ଓ ଲୁଣା ଜଳାଶୟର ସୁରକ୍ଷା, ପୁନରୁଦ୍ଧାର ଏବଂ ପରିଚାଳନା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଭାରତୀୟ ଉପକୂଳ ଅଧିବାସୀ ଗୋଷ୍ଠୀଙ୍କ ନିମନ୍ତେ ଜଳବାୟୁ ସହନଶୀଳତା ଅଭିବୃଦ୍ଧି ପ୍ରକଳ୍ପ ଅଧୀନରେ ଆଇଆଇଟି ଭୁବନେଶ୍ୱର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହି ସହଯୋଗ ସାମୁଦ୍ରିକ ଘାସ ଶଯ୍ୟା ଓ ଲୁଣା ଜଳାଶୟ ସମେତ ଗୁରୁତ୍ୱପୂର୍ଣ୍ଣ ଉପକୂଳୀୟ ପରିସଂସ୍ଥାର ପୁନରୁଦ୍ଧାର କରିବା ଦିଗରେ ଦୃଷ୍ଟି ଦେବ, ଯାହା ଜୈବବିବିଧତା, ଅଙ୍ଗାରକାମ୍ଳ ଆହରଣ ଏବଂ ଉପକୂଳ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହା ଉପକୂଳ ଅଧିବାସୀ ଗୋଷ୍ଠୀଙ୍କ ନିମନ୍ତେ ଜଳବାୟୁ ସହନଶୀଳତା ଅଭିବୃଦ୍ଧି କରିବା ପାଇଁ ଇକୋସିଷ୍ଟମ-ଆଧାରିତ ପଦ୍ଧତି ଉପରେ ଗୁରୁତ୍ୱ ପ୍ରଦାନ କରିବ । ଓଡ଼ିଶା ଉପକୂଳରେ ସମୁଦ୍ର ଘାସ ଏବଂ ଲୁଣା ଜଳାଶୟ ଇକୋସିଷ୍ଟମର ପୁନରୁଦ୍ଧାର, ସୁରକ୍ଷା ଏବଂ ସ୍ଥାୟୀ ପରିଚାଳନା ପାଇଁ ବୈଷୟିକ ସହାୟତା ସଂସ୍ଥା ଭାବରେ ମନୋନୀତ, ଆଇଆଇଟି, ଭୁବନେଶ୍ୱର ଏହାର ପରିଚାଳନା ପାଇଁ ବୈଷୟିକ ସହାୟତା ପ୍ରଦାନ କରିବ । ଜଳବାୟୁ ସ୍ଥିରତା ପାଇଁ ଅନୁକୂଳନ ଜଳବାୟୁ ପରିବର୍ତ୍ତନ ସହ ତାଳ ମିଳେଇବା ପାଇଁ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହ ବୁଝାମଣାପତ୍ର ସ୍ୱାକ୍ଷରିତ:- ଜଳବାୟୁ ପରିବର୍ତ୍ତନର ବର୍ଦ୍ଧିତ ପ୍ରଭାବର ସମ୍ମୁଖୀନ ହେଉଥିବା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଚାଷୀମାନଙ୍କର ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଏକ ଆଂଚଳିକ ଅନୁକୂଳନ ପ୍ରକଳ୍ପ ପାଇଁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ନୂଆପଡା ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପାଂଚବର୍ଷୀୟ ପ୍ରକଳ୍ପର ଲକ୍ଷ୍ୟ ହେଉଛି ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିରୁଦ୍ଧରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଚାଷୀମାନଙ୍କର, ବିଶେଷକରି ମହିଳା କୃଷକମାନଙ୍କର ଅର୍ଥନୈତିକ ଅବସ୍ଥାକୁ ସୁଦୃଢ଼ କରିବା । ଆବଶ୍ୟକ ପାଣ୍ଠି ଯୋଗାଣ ଦ୍ୱାରା ଏହି ପ୍ରକଳ୍ପ ବିବିଧ ଜୀବିକା, ସ୍ଥିର କୃଷି ପଦ୍ଧତି ଏବଂ ଜଳବାୟୁ ସେବାରେ ଉନ୍ନତ ନିବେଶକୁ ପ୍ରୋତ୍ସାହିତ କରିବ। ଜଳବାୟୁ ପରିବର୍ତ୍ତନଜନିତ ସ୍ଥିତିର ମୁକାବିଲାରେ କୃଷକଙ୍କ ଜୀବିକା ସୁରକ୍ଷା ଏବଂ ଖାଦ୍ୟ ସୁରକ୍ଷା ନିମନ୍ତେ ଓଡ଼ିଶାର ପ୍ରତିବଦ୍ଧତା ବଜାୟ ରହିବ। ଏହି ଅବସରରେ ଉପସ୍ଥିତ ରହି ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ କହିଲେ ଯେ ରନିଗର୍ଭା ଓଡ଼ିଶାରେ ମୂଲ୍ୟବାନ ଖଣିଜ ପ୍ରଦାର୍ଥ ମହଜୁଦ ରହିଛି । ଯେଉଁ ଖଣିଜ ପଦାର୍ଥ ଅନ୍ୟ ରାଜ୍ୟରେ ନାହିଁ, ତାହା ଆମ ପାଖରେ ଗଚ୍ଛିତ ଅଛି । ଏହି ଦୃଷ୍ଟିରୁ ଓଡ଼ିଶାରେ ଶିଳ୍ପାୟନ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା । ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ଚିରସହଚର । ଏଠାରେ ବିଭିନ୍ନ ସମୟରେ ସହରାଂଚଳ ବନ୍ୟା, ପଶ୍ଚିମ ଓଡ଼ିଶାରେ ମରୁଡ଼ି, ଉପକୂଳ ଓଡ଼ିଶାରେ ସୃଷ୍ଟ ଲଘୁଚାପ, ବନ୍ୟା, ବାତ୍ୟା, ବଜ୍ରପାତ ଆମର ଚିରସହଚର ହୋଇଥିବାବେଳେ ଏସବୁର ମୁକାବିଲା ଦିଗରେ ଓଡ଼ିଶା ଅନ୍ୟମାନଙ୍କ ପାଇଁ ମଡ଼େଲ ସାଜିଛି । ସରକାର ଦୀର୍ଘସ୍ଥାୟୀ ବିକାଶ ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି । ଆମକୁ ବ୍ୟାପକ ଜଙ୍ଗଲ ବୃଦ୍ଧି ସହ କର୍ମନିଯୁକ୍ତି ଓ ଜୀବିକାର୍ଜନ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ । ଏହି ସବୁ ବୁଝାମଣାପତ୍ର ଚୁକ୍ତି ସ୍ୱାକ୍ଷରିତ ହେବା ପରିବେଶ ଉପରେ ଏହାର ସୁଦୂରପ୍ରସାରୀ, ଦୀର୍ଘସ୍ଥାୟୀ ଉତ୍ତମ ପ୍ରଭାବ ଅନୁଭୂତ ହେବ । ରାଜ୍ୟ ସରକାରଙ୍କ ତରଫରୁ ପରିବେଶ ନିର୍ଦ୍ଦେଶକ ଶ୍ରୀ ପ୍ରେମ କୁମାର ଝା, ଆଇଆଇଟି, ଭୁବନେଶ୍ୱର ତରଫରୁ ଡିନ୍ ପ୍ରାୟୋଜିତ ଗବେଷଣା ଓ ଶିଳ୍ପ ପରାମର୍ଶଦାତା ପ୍ରଫେସର ଦିନାକର ପାସଲା, ଶକ୍ତି, ପରିବେଶ ଏବଂ ଜଳ ପରିଷଦ ତରଫରୁ ଡକଟର ବୈଭବ ଚତୁର୍ବେଦୀ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଡେପୁଟି କଂଟ୍ରି ଡାଇରେକଟର ସୁଶ୍ରୀ ନୋଜୋମି ହାସିମୋଟୋ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏହି କାର୍ଯ୍ୟକ୍ରମରେ ପିସିସିଏଫ୍ ଶ୍ରୀ ଦେବୀଦତ୍ତ ବିଶ୍ୱାଳ ଉପସ୍ଥିତ ଥିଲେ । ଆଇଆଇଟି, ଭୁବନେଶ୍ୱର ତରଫରୁ ପ୍ରଫେସର ଶ୍ରୀ ଶ୍ରୀପଦ କର୍ମାଲକର, ସ୍କୁଲ ଅଫ୍ ଆର୍ଥ, ଓସେନ ଏବଂ କ୍ଲାଇମେଟ୍ ସାଇନ୍ସ ମୁଖ୍ୟ ପ୍ରଫେସର ସୟଦ ହିଲାଲ ଫାରୁକ, ଅଷ୍ଟ୍ରେଲିଆର ଜେମ୍ସ କୁକ୍ ବିଶ୍ୱବିଦ୍ୟାଳୟର ବରିଷ୍ଠ ବୈଜ୍ଞାନିକ ଡକଟର ଅମୃତ କୁମାର ମିଶ୍ର, ସ୍କୁଲ ଅଫ୍ ଆର୍ଥ, ଓସେନ ଏବଂ କ୍ଲାଇମେଟ୍ ସାଇନ୍ସର ଗବେଷକ ଡକଟର ପ୍ରସନ୍ନଜିତ ଆଚାର୍ଯ୍ୟ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଜଳବାୟୁ ପରିବର୍ତ୍ତନ ଏବଂ ବିପର୍ଯ୍ୟୟ ପ୍ରଶମନ ହ୍ରାସ ୟୁନିଟ୍ ମୁଖ୍ୟ ସୁଶ୍ରୀ ପ୍ରଜ୍ଞା ପୈଠଙ୍କର, ଓଡିଶାରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ କ୍ଷେତ୍ର କାର୍ଯ୍ୟାଳୟର ମୁଖ୍ୟ ଶ୍ରୀ ହିମାଂଶୁ ବଳ ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓଡିଶାର କୃଷିବିଜ୍ଞାନୀ ଶ୍ରୀମତୀ ରାଜଶ୍ରୀ ପୁରୋହିତ, ଶକ୍ତି, ପରିବେଶ ଜଳ ପରିଷଦର ଓଡ଼ିଶା ରାଜ୍ୟ ସଂଯୋଜକ ସୁଶ୍ରୀ ନୀତି ଗୁପ୍ତା ଏହି କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ କରିଥିଲେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ରହିବ

ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ସପ୍ତମ ଥର ପାଇଁ ରେପୋ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ପକ୍ଷରୁ ଋଣ ସୁଧ ହାର କିମ୍ବା ମାସିକ କିସ୍ତି (ଇଏମଆଇ) ପରିଶୋଧ ରାଶି ବୃଦ୍ଧି ଯୋଜନା ନାହିଁ। ଆରମ୍ଭ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ଦ୍ୱିମାସିକ ମୁଦ୍ରା ନୀତି କମିଟି ବୈଠକର ନିଷ୍ପତ୍ତି ସଂପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଘୋଷଣା କରିଛନ୍ତି। ଶକ୍ତିକାନ୍ତ କହିଛନ୍ତି ଦେଶରେ ମୁଦ୍ରାସ୍ଫୀତିରେ ଦେଖାଦେଇ ଆସୁଥିବା ବୃଦ୍ଧି ଧାରା ଏବେ ବନ୍ଦ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ଏବଂ ବାସ୍ତବ ଜିଡିପି ଅଭିବୃଦ୍ଧି ୭ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ରେପୋ ହାର ହେଉଛି ସେହି ହାର ଯେଉଁଥିରେ ରିଜର୍ଭ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ କରିଥାଏ। ଏହା ବଢ଼ିଲେ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କଠାରୁ ଋଣ ଉପରେ ଅଧିକ ସୁଧ ହାର ଆଦାୟ କରିଥାନ୍ତି ଏବଂ କମିଲେ ସୁଧ ହାର କମାଇଥାନ୍ତି। ମୁଦ୍ରାନୀତି କମିଟିର ୬ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ଏହାକୁ ଅପରିବର୍ତ୍ତିତ ରଖିବାକୁ ମତ ଦେଇଥିବାବେଳେ ଜଣେ ପରିବର୍ତ୍ତନ ପାଇଁ କହିଥିଲେ। ମୁଦ୍ରାନୀତି ରିପୋର୍ଟ ଘୋଷଣା କରିବା ଅବସରରେ ଶକ୍ତିକାନ୍ତ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସର ଜିଡିପି ଅଭିବୃଦ୍ଧି ୭.୧ ପ୍ରତିଶତ, ଦ୍ୱିତୀୟ ତ୍ରୟମାସରେ ୬.୯ ପ୍ରତିଶତ ଏବଂ ତୃତୀୟ ଓ ଚତୁର୍ଥ ତ୍ରୟମାସରେ ୭ ପ୍ରତିଶତ ଲେଖାଏଁ ରହିବ।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ମୋବାଇଲ ଆପ୍ ଉନ୍ମୋଚନ ସଂପର୍କରେ ଘୋଷଣା କରାଯାଇଛି। ଏହି ଆପ୍ ଜରିଆରେ ଖୁଚୁରା ନିବେଶକମାନେ ସରକାରୀ ବଣ୍ଡ୍ରେ ସହଜରେ ନିବେଶ ସୁବିଧା ପାଇବେ। ଖୁବ୍‌ଶୀଘ୍ର ଏହି ଆପ୍ ଉପଲବ୍ଧ ହେବ। ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ରେକର୍ଡ ୬୪୫.୬ ବିଲିଅନ ଡଲାରରେ ପହଞ୍ଚିଥିବା ଶକ୍ତିକାନ୍ତ ଘୋଷଣା କରିଛନ୍ତି। ଇଣ୍ଟରନ୍ୟାସନାଲ ଫାଇନାନ୍ସିଆଲ ସର୍ଭିସେସ ସେଣ୍ଟର (ଆଇଏଫଏସ୍‌ସି)ରେ ସଭରେନ୍ ଗ୍ରିନ ବଣ୍ଡ କାରବାରକୁ ଅନୁମତି ଦିଆଯିବ। ଏହା ବ୍ୟତୀତ, ଆଜି ରିଜର୍ଭ ବ୍ୟାଙ୍କ ପକ୍ଷରୁ ନୂଆ ୱେବସାଇଟ୍ ଏବଂ ଏକ ମୋବାଇଲ ଆପ୍ ଆରମ୍ଭ କରାଯାଇଛି। ତେବେ ବର୍ତ୍ତମାନ କିଛିଦିନ ପାଇଁ ପୁରୁଣା ୱେବସାଇଟ୍ ଉପଲବ୍ଧ ହେବ। ଗୁଗୁଲ୍ ପ୍ଲେ ଷ୍ଟୋର ଏବଂ ଆପଲ୍ର ଆଇଓଏସରୁ ଏହାକୁ ଡାଉନଲୋଡ କରାଯାଇପାରିବ। ଶକ୍ତିକାନ୍ତ ଦାସ ଏବଂ ନୂଆ ୱେବସାଇଟ୍ ଏବଂ ଆପ୍ ଉନ୍ମୋଚନ କରିଛନ୍ତି।

ବ୍ୟାଙ୍କ ଓ ଆର୍ଥିକ ସେବା କମ୍ପାନିଗୁଡ଼ିକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆଜି ଚେତାବନୀ ଦେଇଛନ୍ତି। କାରବାର ସମୟରେ ନିୟମକୁ ଠିକ୍ ଭାବେ ପାଳନ କରିବାକୁ କହିଛନ୍ତି। ସେ ତାଙ୍କୁ ମନେ ପକାଇ ଦେଇଛନ୍ତି ଯେ ସବୁ କିଛି ହେଉଛି ଲୋକମାନଙ୍କ ଟଙ୍କା। ସେକଥା କେବେ ଭୁଲିବ ନାହିଁ। ତେଣୁ ସବୁ ନିୟମକୁ ପାଳନ କରି କର୍ପୋରେଟ ଗଭର୍ଣ୍ଣାନ୍ସକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ ବ୍ୟାଙ୍କଗୁଡ଼ିକୁ କହିଛନ୍ତି। ନିୟମ ପାଳନ କରିବାରେ ଅବହେଳା କରୁଥିବା ସଂସ୍ଥାଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରିଜର୍ଭ ବ୍ୟାଙ୍କ ପଛାଉନାହିଁ। ନିକଟରେ ଏହା ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କ ଉପରେ କଠୋର କଟକଣା ଲଗାଇ ଏହାକୁ ଜମା ଓ ଅଗ୍ରିମ କାରବାର ବନ୍ଦ କରିବାକୁ କହିଥିଲା। ସେହିପରି ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଲିମିଟେଡକୁ ସୁନା ଋଣ କାରବାର ବନ୍ଦ କରିବା ଏବଂ ଜେଏମ୍ ଫାଇନାନ୍ସିଆଲ୍ ପ୍ରଡକ୍ଟସ୍ ଲିମିଟେଡକୁ ସେୟାର ବନ୍ଧକ ରଖି ଋଣ ଦେବାକୁ ମନା କରିଥିଲା। ୨୦୨୦ ଡିସେମ୍ବରରେ ଏଚଡିଏଫସି ବ୍ୟାଙ୍କକୁ ନୂଆ କ୍ରେଡିଟ୍ କାର୍ଡ ଗ୍ରାହକ ଗ୍ରହଣ କରିବାକୁ ମନା କରାଯାଇଥିଲା। ରେଟିଂ ଏଜେନ୍ସି ଏସ୍‌ଆଣ୍ଡପି ମତରେ ନିୟମ ପାଳନରେ ଅବହେଳା ପ୍ରତି ରିଜର୍ଭ ବ୍ୟାଙ୍କ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ବିଶେଷ କରି ନୋ ୟୋର କଷ୍ଟମର (କେୱାଇସି), ତଥ୍ୟ ସୁରକ୍ଷା, ମନି ଲଣ୍ଡରିଂ ପ୍ରସଙ୍ଗକୁ ଏହା ଗମ୍ଭୀରତା ସହ ନେଉଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାୟସ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)
(କ୍ରମଶଃ)

# ସାହିତ୍ୟରେ କର୍ମଶାଳା



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଏବେ କେତେକ ସ୍ଥାନରେ ସାହିତ୍ୟ-କର୍ମଶାଳା ଆୟୋଜନ ହେଉଥିବାର ଖବର ଆମ ନଜରକୁ ଆସୁଛି। ସେହି ସବୁ କର୍ମଶାଳାରେ କିଛି ବରିଷ୍ଠ ସାହିତ୍ୟିକ କନିଷ୍ଠମାନଙ୍କୁ କବିତା, ଗଳ୍ପ କିପରି ଲେଖିବାକୁ ହେବ ତା'ର ଟେକ୍‌ନିକ୍ ବୁଝାଇଦେଉଛନ୍ତି।

ସାହିତ୍ୟ-କର୍ମଶାଳାକୁ ଇଂରାଜୀରେ 'ଲିଟେରାରୀ ୱାର୍କସପ୍' ବୋଲି କୁହାଯାଉଛି। ୱାର୍କସପ୍ ଶବ୍ଦଟି ବ୍ୟବସାୟିକ ବୋଧ ହେଉଛି। କିନ୍ତୁ ସାହିତ୍ୟ ଆଦୌ ବ୍ୟବସାୟିକ ନୁହେଁ। ତେଣୁ ସାହିତ୍ୟ ସହିତ କର୍ମଶାଳା ଅର୍ଥାତ୍ ଲିଟରେଚର୍ ସହିତ ୱାର୍କସପ୍ ଶବ୍ଦକୁ କାହିଁକି ଯୋଡ଼ି ଦିଆଯାଉଛି ବୁଝାପଡୁନାହିଁ।

ଯଦି କେହି ବରିଷ୍ଠ ସାହିତ୍ୟିକ ଭାବୁଥାଆନ୍ତି ଯେ କନିଷ୍ଠମାନଙ୍କୁ କିପରି କବିତା, ଗଳ୍ପ ଲେଖିବାକୁ ହେବ ବୁଝାଇଦେଲେ ଉନ୍ନତ ମାନର ସାହିତ୍ୟିକ ସୃଷ୍ଟି ହୋଇପାରିବେ, ତେବେ ତାହା କେତେ ଦୂର ସଫଳ ହେବ ବିଚାର କରିବାର କଥା। ସାହିତ୍ୟ ଏପରି ଗୋଟିଏ କ୍ଷେତ୍ର ଯେଉଁଠି କେହି କାହାକୁ ଲେଖିବାର ଟେକ୍‌ନିକ୍ ବତାଇଦେଇ ଲେଖକ କରିପାରିବେ ନାହିଁ।

ଆଲେକ୍‌ଜାଣ୍ଡାର୍ ପୋପ୍ ପିଲାଦିନେ କବିତା ଲେଖୁଥିଲେ। ତାଙ୍କ ବାପା ଏଥିପାଇଁ ଖୁବ୍ ରାଗିଗଲେ ଓ ତାଙ୍କୁ ମାଡ଼ଦେଲେ। ମାଡ଼ ଖାଇଲାବେଳେ ପୋପ୍ ବାପାଙ୍କୁ କହିଲେ, 'ପାପା ପାପା ପିଟି ଟେକ୍, ଭର୍ସେସ୍ ସାଲ୍ ଆଇ ନେଭର୍ ମେକ୍।' (ଓଡ଼ିଆରେ ଯାର ଅର୍ଥ - ବାପା, ବାପା, ମୋତେ ଦୟା କର ଅର୍ଥାତ୍ ଆଉ ମାଡ଼ ଦିଅନା, ମୁଁ ଆଉ କେବେହେଲେ କବିତା ଲେଖିବି ନାହିଁ।) ମାଡ଼ ଖାଇଲାବେଳେ ମଧ୍ୟ ପୋପ୍ ତାଙ୍କ ବାପାଙ୍କୁ ଯାହା କହିଥିଲେ ତାହା ଥିଲା ଦୁଇ ଧାଡ଼ିର ଚମତ୍କାର କବିତା। ବାପା ଅନୁଭବ କଲେ, ମାଡ଼ ଦେଇ ପୋପ୍‌ଙ୍କ କବିତା ଲେଖାକୁ ବନ୍ଦ କରିହେବ ନାହିଁ। କବିତା ରଚନା ଏକ ସ୍ୱତଃସ୍ଫୂର୍ତ୍ତ କଳା। ନିରବଚ୍ଛିନ୍ନ ଭାବରେ ସ୍ୱାଭାବିକ ରୀତିରେ ପୋପ୍ ଲେଖିଚାଲିଲେ କବିତା ଓ କବି ଭାବରେ ହେଲେ ବିଶ୍ୱବିଖ୍ୟାତ। ଯେମିତି କାହାକୁ ମାଡ଼ ଦେଇ କବିତା ଲେଖାକୁ ବନ୍ଦ କରିହେବ ନାହିଁ, ଠିକ୍ ସେମିତି କାହାକୁ ମାଡ଼ ଦେଇ, ଚାପ ପ୍ରୟୋଗ କରି, ସାହିତ୍ୟ-କର୍ମଶାଳାରେ ଟ୍ରେନିଂ ବା ପ୍ରଶିକ୍ଷଣ ଯୋଗାଇ କବିତା ଲେଖାଇ ହେବ ନାହିଁ ମଧ୍ୟ।

ଅଭିମନ୍ୟୁ ସାମନ୍ତସିଂହାର ପିଲାଦିନେ ବାଲିଆ ଗାଁରେ ଗୋଟିଏ କରମଙ୍ଗା ଗଛ ମୂଳେ ବସି ଲେଖିଥିଲେ, 'କରମଙ୍ଗା ଗଛର ଛାଇ ଗୋ, କରମ ଯାହାର ସଫଳ ହୋଇବ କୃଷ୍ଣଙ୍କୁ ପାଇବ ସେହି ଗୋ'। ପିଲାଦିନର ଏହି ବୈଷ୍ଣବୀୟ ଭାବନା ହିଁ ପରବର୍ତ୍ତୀ ସମୟରେ ତାଙ୍କ ଲେଖନୀ ମୁନରୁ ଜନ୍ମଦେଲା 'ବିଦଗ୍ଧ ଚିନ୍ତାମଣି', 'ପ୍ରେମ ଚିନ୍ତାମଣି' ଭଳି ଦୁଇଟି ରସୋତ୍ତୀର୍ଣ୍ଣ କାବ୍ୟ।

ଅଭିମନ୍ୟୁ ସାମନ୍ତସିଂହାର ହୁଅନ୍ତୁ ବା ଆଲେକ୍‌ଜାଣ୍ଡାର୍ ପୋପ୍, ଏମାନେ କେହି କୌଣସି ସାହିତ୍ୟ-କର୍ମଶାଳାରେ ଯୋଗ ଦେଇନଥିଲେ କି କୌଣସି ଅନୁଷ୍ଠାନ ବା ବ୍ୟକ୍ତିବିଶେଷଙ୍କ ଠାରୁ କିପରି କବିତା ଲେଖିବାକୁ ହେବ ବୋଲି ଟ୍ରେନିଂ ନେଇନଥିଲେ। ଉଭୟ ପିଲାଦିନରୁ ହିଁ କବିତା ଲେଖୁଥିଲେ। ଭୀମଭୋଇ, ଜନ୍ ମିଲ୍‌ଟନ୍‌ଙ୍କ କବିତା ହେଉ ; କାଳିଦାସ, ସେକ୍ସପିୟରଙ୍କ ନାଟକ ହେଉ ; ଫକୀରମୋହନ ସେନାପତି, ଟମାସ୍ ହାର୍ଡିଙ୍କ ଉପନ୍ୟାସ ହେଉ ; ବେକନ୍, ବିଶ୍ୱନାଥ କରଙ୍କ ପ୍ରବନ୍ଧ ହେଉ, ସେଗୁଡ଼ିକୁ ପଢ଼ିବା ସହିତ ସେମାନଙ୍କ ଜୀବନ-ଚରିତକୁ ଜାଣିଲେ ଆମେ ସ୍ୱାଭାବିକ ଭାବରେ ସିଦ୍ଧାନ୍ତରେ ପହଞ୍ଚିବା ଯେ ସେମାନେ କେବେ କୌଣସି ସାହିତ୍ୟ-କର୍ମଶାଳାରେ ପ୍ରଶିକ୍ଷଣ ବା ଟ୍ରେନିଂ ନେଇନଥିଲେ। ବିଶ୍ୱବ୍ରହ୍ମାଣ୍ଡର ଅନ୍ତରଙ୍ଗ ଅଧ୍ୟୟନ, ଅନୁଶୀଳନ ସହିତ ଜୀବନ ସମ୍ବନ୍ଧୀୟ ସ୍ୱଚ୍ଛ ଅନୁଭୂତି, ସୂକ୍ଷ୍ମ ଅନୁଭବ ସର୍ବୋପରି ଅମାପ ଅନ୍ତର୍ଦୃଷ୍ଟି ବଳରେ ଖୁବ୍ ପ୍ରଭାବଶାଳୀ ସାହିତ୍ୟ ସର୍ଜନା କରିବାକୁ ସେମାନେ ସମର୍ଥ ହୋଇଥିଲେ। ୧୩.୮.୨୦୧୯ ତାରିଖ 'ଟାଇମ୍ସ ଅଫ୍ ଇଣ୍ଡିଆ'ରେ ସାହିତ୍ୟିକମାନଙ୍କୁ ଆକର୍ଷଣ କଲା ଭଳି ସମ୍ବାଦଟିଏ ପ୍ରକାଶ ପାଇଛି। କେରଳର ପଦୟାଙ୍ଗୋଡ଼େ ଗାଁରେ ଗୋଟିଏ ଚା ଦୋକାନ। ଦୋକାନର ମାଲିକଙ୍କ ନାଁ ଶୁକ୍କୁର୍। ବୟସ ୫୮, ଚାରୋଟି ସନ୍ତାନର ପିତା। ତାଙ୍କ ଜୀବନର କାହାଣୀ ଖୁବ୍ ବୈଚିତ୍ର୍ୟମୟ। ଆର୍ଥିକ ଅସୁବିଧା ହେତୁ ପଞ୍ଚମ ଶ୍ରେଣୀ ପରେ ସ୍କୁଲ୍‌କୁ ନଯାଇ ମେଣ୍ଢା ଚରାଉଥିଲେ ଶୁକ୍କୁର୍। କିନ୍ତୁ ବହି ପଢ଼ିବାର ନିଶା ଥିଲା ପ୍ରବଳ। କିଛି କଲେଜ ଛାତ୍ରଙ୍କ ଠାରୁ ଉପନ୍ୟାସ ମାଗି ପଢ଼ିଲେ। ଋଷୀୟ ଭାଷାରେ ଲିଖିତ ଗୋଟିଏ ଆତ୍ମଚରିତର ଅନୁବାଦ 'ନୋରା ଅଭିନ୍ୟାନ୍'କୁ ପଢ଼ିବା ପରେ କମ୍ୟୁନିଷ୍ଟ୍ ଭାବଧାରାରେ ଅନୁପ୍ରାଣିତ ହୋଇ ଅନ୍ୟାନ୍ୟ ଋଷୀୟ ସାହିତ୍ୟ ମଧ୍ୟ ପଢ଼ିଲେ। ମେଣ୍ଢା ଚରାଇବା ଛାଡ଼ି ଗୋଟିଏ କ୍ୱାରୀରେ ଶ୍ରମିକ ହେଲେ, ପଥର କାଟିଲେ। ଏହି ସମୟରେ କିଛି ବଙ୍ଗଳା ବହିର ଅନୁବାଦ ପଢ଼ିଲେ। ତା'ପରେ କର୍ଣ୍ଣାଟକର ମେଡିକ୍କେରୀକୁ ଯାଇ ଗୋଟିଏ ଦୋକାନରେ ସେଲ୍‌ସମ୍ୟାନ୍ ହେଲେ। ପ୍ରେମକୁ ଆଧାର କରି ସେ ଲେଖିଥିବା ଅସମାପ୍ତ ଉପନ୍ୟାସ-ପାଣ୍ଡୁଲିପିଟିକୁ ତାଙ୍କ ବାପା ପୋଡ଼ିଦେଲେ। ନିଜ ରାଜ୍ୟ କେରଳକୁ ଫେରିଆସି ଘର ଘର ବୁଲି ମାଛ ବିକିଲେ। କିନ୍ତୁ ତାଙ୍କର ଏହି ବ୍ୟବସାୟକୁ ସନ୍ତାନମାନେ ନାପସନ୍ଦ କରିବାରୁ ଗାଁରେ ଚା' ଦୋକାନଟିଏ ଖୋଲିଲେ। ଯେଉଁ କାମରେ ମନଦେଲେ ବି ବହି ପ୍ରତି ପ୍ରୀତି ତାଙ୍କର ଥିଲା ପ୍ରବଳ। ଏପରି ହେଲା, ବିଭିନ୍ନ ସ୍କୁଲ୍, ଅଫିସ୍, ବଜାରରେ ବୁଲିବୁଲି ସେ ବହି ବିକ୍ରି କଲେ। କେବଳ ଗୋଟିଏ କଥା ଅନୁଭବ କଲେ ଯେ ବିଭିନ୍ନ ସ୍ଥାନରେ ଲାଇବ୍ରେରୀରେ ବହି ଗଦା ହୋଇ ରହିଛି, ଅଥଚ ଲୋକମାନଙ୍କର ପଢ଼ିବାର ଅଭ୍ୟାସ ନାହିଁ। ତେଣୁ ୨୦୧୫ ମସିହାରେ ସେ ନିଜ ଚା' ଦୋକାନ ବାରଣ୍ଡାରେ ଏକ ବହି-କ୍ଲବ୍ ଖୋଲିଲେ ଓ ମାସିକ ସାହିତ୍ୟ-ଆଲୋଚନାର ଆୟୋଜନ କଲେ। ମାଲୟାଲମ୍, କନ୍ନଡ଼, ତାମିଲ୍ ଲେଖକମାନଙ୍କୁ ସେମାନଙ୍କ ଲିଖିତ ବହିର ଆଲୋଚନା କରିବା ପାଇଁ କ୍ଲବ୍‌କୁ ନିମନ୍ତ୍ରଣ କଲେ। ଜଣେ ଲେଖକ ନିଜ ଲିଖିତ ଯେଉଁ ବହିଟିକୁ ନିର୍ଦ୍ଧାରିତ ଦିନ ଓ ସମୟରେ ଆଲୋଚନା କରିବେ ତା'ର ସମ୍ପୂର୍ଣ୍ଣ ସୂଚନା ଶୁକ୍କୁର୍ ଫେସ୍‌ବୁକ୍ ଜରିଆରେ ପ୍ରାୟ ୩୦୦୦ ଲୋକଙ୍କୁ ଜଣାଇଦେଲେ। ଆଲୋଚ୍ୟ ବହିଟିକୁ ସେ କିଛି ଲୋକଙ୍କୁ ବିକ୍ରି କଲେ, ଯଦ୍ୱାରା ସେମାନେ ବହିଟିକୁ ପଢ଼ି ଲେଖକଙ୍କୁ ପ୍ରଶ୍ନ ପଚାରିବାକୁ ପ୍ରସ୍ତୁତ ହୋଇ ଆଲୋଚନାଚକ୍ରକୁ ଆସିବେ। ଏହି ଆଲୋଚନାଗୁଡ଼ିକ ଖୁବ୍ ଲୋକପ୍ରିୟ ହେଲା। ଲେଖକମାନେ ନିଜ ଲିଖିତ ବହିଗୁଡ଼ିକର ଆଲୋଚନା କଲେ, ପାଠକମାନେ ସେମାନଙ୍କୁ ପ୍ରଶ୍ନ ପଚାରିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସର୍ବାଧିକ ଦୁଇଘଣ୍ଟା ଧରି ଚାଲିଲା। ସମସ୍ତେ ଚା ଓ ବିସ୍କୁଟ୍‌ରେ ଆପ୍ୟାୟିତ ହେଲେ। କନ୍ନଡ଼ ଲେଖକ ବିବେକ ଶାନ୍‌ଭାଗ୍ ତାଙ୍କର ୨୦୧୫ ମସିହାରେ ପ୍ରକାଶିତ ଉପନ୍ୟାସ 'ଘାଚାର୍ ଘୋଚର୍'ର ଆଲୋଚନା କରିବାକୁ ୨୦୧୯ ଫେବୃଆରୀ ମାସରେ ବହି-କ୍ଲବ୍‌କୁ ଆସିଲେ ଓ ବହୁସଂଖ୍ୟକ ମହିଳାଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ପାଠକମାନଙ୍କର ଜିଜ୍ଞାସାକୁ ଲକ୍ଷ୍ୟ କରି ତାମିଲ୍ ଲେଖକ ଜୟମୋହନ ତାଙ୍କର ବହୁ-ଚର୍ଚ୍ଚିତ ଉପନ୍ୟାସ 'ନୁରୁ ସିଂହାସନଙ୍ଗଲ୍' (ଏକଶହ ସିଂହାସନ)ର ଆଲୋଚନା କଲେ। ପଲ୍ ଜାକାରିଆ, ପି.ଏଫ୍.ମାଥ୍ୟୁସ୍, ଜନି ମିରାଣ୍ଡା, ପେରୁମଲ୍ ମୁରୁଗାନ୍, ଏନ୍. ପ୍ରଭାକରନ୍‌ଙ୍କ ଭଳି ଉଚ୍ଚକୋଟୀର ଲେଖକମାନେ ବହି-କ୍ଲବ୍‌କୁ ଆସିଲେ ଓ ନିଜ ନିଜ ବହିର ଆଲୋଚନା କରିବା ସହିତ ପାଠକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଲେ। ଶୁକ୍କୁର୍‌ଙ୍କ ଚା ଦୋକାନ ବାରଣ୍ଡାର ବହି-କ୍ଲବ୍‌ରେ ଏହି ମାସିକ ଆଲୋଚନା ୨୦୧୫ ମସିହାରୁ ଏଯାବତ୍ ଚାଲୁରହିଛି। ତାଙ୍କୁ ଅନୁସରଣ କରି କେରଳର କେତେକ ଲାଇବ୍ରେରୀରେ ଏପରି ଆଲୋଚନାଚକ୍ର ଏବେ ଅନୁଷ୍ଠିତ ହେଉଛି। ଶୁକ୍କୁର୍‌ଙ୍କର ଏକ କବିତା ସଂକଳନ 'ଦି ଲାଇଫ୍ ଇନ୍ ଦି ଡେପ୍‌ଥ୍' ଓ ଏକ ଉପନ୍ୟାସ 'ଭେରାଣ୍ଡା' ପ୍ରକାଶିତ ହୋଇଛି।

ପଞ୍ଚମ ଶ୍ରେଣୀ ପରେ ଆଉ ସ୍କୁଲ୍‌କୁ ଯାଇନଥିବା ଶୁକ୍କୁର୍ କେବେ କୌଣସି ସାହିତ୍ୟ-କର୍ମଶାଳାରେ ଯୋଗଦେଇ ନାହାନ୍ତି କି କୌଣସି ବରିଷ୍ଠ ସାହିତ୍ୟିକଙ୍କୁ କେଉଁ ଟେକ୍‌ନିକ୍ ପ୍ରୟୋଗ କରି କବିତା, କାହାଣୀ ଲେଖିହେବ ବୋଲି ପଚାରିନାହାନ୍ତି। ସେ ନିଜେ ସ୍ୱତଃସ୍ଫୂର୍ତ୍ତ ଭାବ ଆବେଗର ଆଧାରରେ ଲେଖୁଛନ୍ତି, ଅନ୍ୟ ଲେଖକମାନଙ୍କର ଲେଖା ପ୍ରଚୁର ପରିମାଣରେ ପଢୁଛନ୍ତି, ଚା ଦୋକାନ ବାରଣ୍ଡାରେ ବହି-କ୍ଲବ୍‌ଟିଏ କରିଛନ୍ତି ଯେଉଁଠି ଲେଖକମାନେ ଆମନ୍ତ୍ରିତ ହୋଇ ସେମାନଙ୍କ ବହିର ଆଲୋଚନା କରୁଛନ୍ତି, ପାଠକମାନେ ଲେଖକମାନଙ୍କୁ ପ୍ରଶ୍ନ ପଚାରୁଛନ୍ତି ଇତ୍ୟାଦି। ଆଜିକାଲି ଯେଉଁ ବରିଷ୍ଠମାନେ ସାହିତ୍ୟ-କର୍ମଶାଳାର ଆୟୋଜନ କରି କନିଷ୍ଠମାନଙ୍କୁ ଲେଖକ ହେବା ପାଇଁ ଟ୍ରେନିଂ ଦେଉଛନ୍ତି ସେମାନେ ଶୁକ୍କୁର୍‌ଙ୍କ ସାହିତ୍ୟ-ଦୃଷ୍ଟି ଓ କର୍ମ-ଦିଗନ୍ତରୁ ଶିକ୍ଷା କରିବାର କଥା ଯେ ସାହିତ୍ୟ-ସାଧନା, ସାହିତ୍ୟ-ଚର୍ଚ୍ଚା ପାଇଁ କର୍ମଶାଳାର ଟ୍ରେନିଂ ଟେକ୍‌ନିକ୍ ଆଦୌ ଆବଶ୍ୟକ ନୁହଁ, ନିଜର ଅଧ୍ୟୟନ, ଅନୁଭୂତି, ଅନୁଭବ ସହିତ ଲେଖକ ପାଠକଙ୍କ ଭାବ ବିନିମୟ ହିଁ ଆବଶ୍ୟକ।

# ନାରୀ ଓ ସମାଜ

ପଙ୍କଜ କୁମାର ପାଣିଗ୍ରାହୀ
ଛତ୍ରପୁର,
ଗଂଜାମ- ୭୬୧୦୨୦
ମୋ: ୯୪୩୭୩୨୪୯୧୭

ବିଜ୍ଞାନ ମତ ଅନୁଯାୟୀ ଜଣେ ନାରୀର ଶରୀର ସମ୍ପୂର୍ଣ୍ଣ ହୋଇଥାଏ ଯାହା ପୁରୁଷର ନୁହେଁ। କହିବାକୁ ଗଲେ ଗୋଟିଏ ସମ୍ପୂର୍ଣ୍ଣ ମଣିଷର ଶରୀର କେବଳ ନାରୀଙ୍କୁ ହିଁ ପ୍ରଦାନ କରିଛି ଜନ୍ମଦାତ୍ରୀ ପ୍ରକୃତି ! ତେଣୁ ନାରୀ ସମାଜରେ ବଂଶ ବୃଦ୍ଧି କରିବାର କ୍ଷମତା ଏବଂ ଦାୟିତ୍ୱ ବହନ କରିଥାଏ। ଏହି କ୍ରମରେ ବିଚାର କରି ଦେଖିଲେ ଜାଣିହେବ ଯେ ବଂଶ ବୃଦ୍ଧି କରିବା ସହିତ ନିଜର ବତ୍ସଲ୍ୟ ମମତାଭରା ହୃଦୟର ମଧ୍ୟ ଗନ୍ତାଘର ହୋଇଥାଏ ନାରୀ ମନର ବିଚାର ଯାହା ସେହି ପ୍ରକୃତି ପ୍ରଦତ୍ତ ଗୁଣ ମାତ୍ର। ହେଲେ ଏତେସବୁ ଗୁଣ, ଧର୍ମର ପ୍ରତୀକ ସେ କେବେ କାହାପ୍ରତି କଠୋର ହେବା ଏକ ବିଡମ୍ବନା କେବଳ। କହିବାକୁ ଗଲେ ସାମାନ୍ୟ ଶାରୀରିକ ଦୁର୍ବଳତା ଏବଂ କୋମଳମତି ବିଶ୍ୱାସର ମାନସିକତାରେ ନାରୀ ଆଜି ପୁରୁଷଙ୍କ ଠାରେ ଦୁର୍ବଳ ଅବସ୍ଥାରେ ଯାହାଙ୍କୁ ସେ ଜନ୍ମ ଦେଇଥାଏ। ଅର୍ଥାତ ନାରୀ ଆଜି ପ୍ରତାରିତ, ନିଷ୍ପେସିତ କେବଳ ସେମାନଙ୍କ କୋମଳମତି ବିଚାର କାରଣରୁ ଯାହାକୁ ସମାଜ ଏକ ଭିନ୍ନ ଦୃଷ୍ଟିରେ ଦେଖିଥାଏ। ତେଣୁ ତା'ର ବିପରୀତ ପ୍ରତିକ୍ରିୟା ଜନିତ ନାରୀ ମଧ୍ୟ ଆଜି କଠୋର ବିଚାରୀ, ଯଦ୍ୱାରା ସମାଜରେ ସବୁବେଳେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ କେବଳ ସେମାନଙ୍କ କଠୋରତା କାରଣରୁ। ଅନ୍ୟ ପକ୍ଷରେ ବିଚାର କରି ଦେଖିଲେ ଜାଣିହେବ ଯେ ନାରୀର ଶାରୀରିକ ଗଠନ, କାର୍ଯ୍ୟକ୍ଷମତା, ବିଚାର ଏବଂ ଚେତନା ଏମିତି ଏକ ସ୍ତରରେ ରହିଥାଏ ଯଦ୍ୱାରା ସେ ମଣିଷ ସମାଜର ସବୁଠାରୁ ସୁଖୀ ପ୍ରାଣୀ ଭଳି ବଂଚିବାର ସୁଯୋଗ ରହିଛି। ନାରୀକୁ ତୁଳନା କଲେ ପୁରୁଷଙ୍କ ସର୍ବଦିଗ ସୁଖ ଅନୁଭବ କରିବା ବହୁତ କମ୍। କିନ୍ତୁ ବିଡମ୍ବନାର ବିଷୟ ଯେ ଆଜି ପ୍ରାୟତଃ ଅଧିକାଂଶ ନାରୀ ସମାଜରେ ଅତ୍ୟନ୍ତ ଦୁଃଖର ସହିତ କାଳାତିପାତ କରୁଛନ୍ତି। ତାହାର କାରଣ କେହି ଖୋଜି ନାହାନ୍ତି କିମ୍ବା ଖୋଜି ପାଇବା ପରେ ସେଗୁଡିକର ଉପଯୁକ୍ତତା ଉପରେ କୌଣସି ବିଚାର ନାହିଁ କାହାର ? କହିବାକୁ ଗଲେ ଅଧିକାଂଶ ନାରୀ ନିର୍ଯାତନା ଏବଂ କାହାର ପ୍ରକୋପ କାରଣରୁ ଅତ୍ୟଧିକ କଷ୍ଟ ପାଉଥିବା ବେଳେ କେତେକ ମୁକ୍ତ ଚିନ୍ତନ ରହିଥିବା ନାରୀ ମଧ୍ୟ ଦୁଖୀ ଅବସ୍ଥାରେ। କାହାର ଦମନ ବା ପ୍ରକୋପରେ ନିଷ୍ପେସିତ ନହୋଇ ମଧ୍ୟ ନିଜର ଅଜ୍ଞାନତାର ଶିକାର ହୋଇଥାନ୍ତି ଯାହା ସେମାନଙ୍କୁ ଜୀବନ ସୁଖ ପ୍ରଦାନ କରିବାରେ ବାଧକତା ସୃଷ୍ଟି କରିଥାଏ। ଏଠାରେ ଆଲୋଚନା କରାଯାଇଥିବା ବିଷୟରେ ସାମାଜିକ ପ୍ରଭାବ, ପ୍ରକୋପ ଜନିତ ନାରୀର ଦୁଃଖ ବ୍ୟତୀତ ନିଜେ ନିଜର ମାନସିକ କାରଣରୁ ଦୁଖୀ ସାଜିଥାଏ କେମିତି ବୁଝିବା ଅତ୍ୟନ୍ତ କଷ୍ଟକର ବିଷୟ ! ବର୍ତ୍ତମାନ ଦେଖିବା ଯେ ଜଣେ ବନ୍ଧନ ମୁକ୍ତ ନାରୀ ମଧ୍ୟ ବାସ୍ତବ ସୁଖ ପାଇବାରେ ବିଫଳ କାହିଁକି ?

ମଣିଷ ସୃଷ୍ଟି ହେବା ପ୍ରାକୃତିକ ପ୍ରାବଧାନ ବିଷୟରେ ଆମେ ସମସ୍ତେ ଜାଣିଛେ ଯାହାର ବିସ୍ତୃତ ବ୍ୟାଖ୍ୟା କରିବା ଆବଶ୍ୟକ ନୁହେଁ ଏଠାରେ। ବୈଜ୍ଞାନିକ ମତ ଅନୁସାରେ ଢ + ଣ = ପୁରୁଷ। ଢ + ଢ = ନାରୀ। ଜଣେ ପୁରୁଷର ଗୋଟିଏ ସମ୍ପୂର୍ଣ୍ଣ ୧୦୦ ମହିଳା ଯୁକ୍ତ ଅଂଶବିଶେଷ ସହିତ ସମ୍ପୂର୍ଣ୍ଣ ୧୦୦ ପୁରୁଷ ଯୁକ୍ତ ଅଂଶବିଶେଷର ଗୁଣ, ଧର୍ମ ରହିଥଏ। ତାହା ଜଣେ ନାରୀ କ୍ଷେତ୍ରରେ କେବଳ ସମ୍ପୂର୍ଣ୍ଣ ୧୦୦ ମହିଳା ଯୁକ୍ତ ଅଂଶବିଶେଷ ରହିଥିବା ବେଳେ ଅନ୍ୟ ଏକ ଢ ଯାହା ପୁରୁଷଙ୍କ ଶରୀରରୁ ଆସିଥାଏ ତାହା କିଛି ମହିଳା ଗୁଣଧର୍ମୀ ଏବଂ ଆଉ କିଛି ପୁରୁଷ ଗୁଣଧର୍ମୀ ହୋଇଥାଏ। ଦେଖିବାକୁ ଗଲେ ଜଣେ ପୁରୁଷ ପାଖରେ ଯେତିକି ନାରୀର ଅନୁଭବ ସୃଷ୍ଟି ହୋଇଥାଏ ତାହା ଜଣେ ମହିଳାଙ୍କ କ୍ଷେତ୍ରରେ ତାଠାରୁ କମ୍ ପୁରୁଷ ଅନୁଭବ ସୃଷ୍ଟି କରିଥାଏ। ତେଣୁ ଅନେକ ସମୟରେ ପୁରୁଷ ମାନେ ମହିଳାଙ୍କ ଭଳି ଦୟାବାନ ବା ସହନଶୀଳ ଏବଂ ଆହୁରି ଅନେକ ନାରୀ ଚରିତ୍ର ବହନ କରିଥାନ୍ତି ! ଠିକ୍ ସେହିଭଳି ନାରୀମାନେ ମଧ୍ୟ ଅନେକ ସମୟରେ ପୁରୁଷଙ୍କ କିଛି ଗୁଣ ଚରିତ୍ର ପ୍ରବାହ କରୁଥିବା ଦେଖିବାକୁ ମିଳେ କେବଳ ପୁରୁଷ ଠାରୁ ଆସିଥିବା ଢ କାରଣରୁ। ଅତଏବ ସେହି ପୁରୁଷ ଗୁଣ, ଧର୍ମ ବେଳେ ବେଳେ ଜଣେ ନାରୀ ପାଖରେ ତୀବ୍ରତର ହୋଇ ସେମାନଙ୍କ ବିଚାରଧାରାରେ ବିଡମ୍ବନା ସୃଷ୍ଟି କରିଥାଏ। ତେଣୁ ସେମାନେ ଅତ୍ୟଧିକ ରୁକ୍ଷ ଏବଂ କରୁଣାହୀନ ହୋଇପଡିଥାନ୍ତି ଅନ୍ୟ କାହାପାଇଁ ଏବଂ ନିଜ ପାଇଁ ମଧ୍ୟ ଯାହା ସେମାନଙ୍କୁ ଦୁଃଖ ଦେବା ପରିସ୍ଥିତି, ପରିବେଶ ସୃଷ୍ଟି କରିଥାଏ।

ଅମ୍ଳାନ ମମତାମୟୀ ନାରୀ ଯେତେବେଳେ ନିଜର ସନ୍ତାନ ପ୍ରତି ବାତ୍ସଲ୍ୟ ମମତା ଦେଇ ଗଢିଥାଏ ନୂତନ ଏକ ଜୀବନ ସେ, ଯେ କାହାପ୍ରତି ରୁକ୍ଷ ହେବା ତା ନିଜ ପ୍ରତି ଏକ ବିପରୀତ ପ୍ରତିକ୍ରିୟା ସୃଷ୍ଟି କରି ଦୁଖୀ କରିଥାଏ ତାକୁ ! ଏ କଥାଟି ବୁଝିବା ଏତେ ସହଜ ନୁହେଁ ! କିନ୍ତୁ ବିଶେଷ ଅନୁଧ୍ୟାନ ପୂର୍ବକ ବିଶ୍ଳେଷଣ କରାଗଲେ ଜାଣିହେବ ବିଷୟଟିର ମହତ୍ତ୍ୱ କ'ଣ। ତେଣୁ ନାରୀ ଯେତେବେଳ ପର୍ଯ୍ୟନ୍ତ ନିଜର ପ୍ରାକୃତିକ ଗୁଣ, ଧର୍ମ ତଥା ମମତା ଏବଂ ସହନଶୀଳତା ମଧ୍ୟରେ ସୀମିତ ରହିଥାଏ ତାହା ତାକୁ ମାନସିକ ସ୍ତରରେ ଦୁଃଖ ଦେବାଠାରୁ ସାମାନ୍ୟ ଦୁରେଇ ରହିବାରେ ସାହାଯ୍ୟ କରିଥାଏ। ସାମାଜିକ, ପାର୍ଥିବ ଦୁଃଖ କଷ୍ଟ ଏହାଠାରୁ ଭିନ୍ନ। ତେଣୁ ନାରୀ ଯେହେତୁ ଗଭୀର ଭାବୁକତାର ଆଶାତୀତ ଅସୁରକ୍ଷିତ ବିଚାର କାରଣରୁ ନିଜକୁ ପ୍ରତିରକ୍ଷା କରିବା ପାଇଁ ଏହି ବିଚାର ସୃଷ୍ଟି କରୁଛି ମନରେ ତାହା ତା ନିଜ ପାଇଁ ଏକ ବିପରୀତ ପ୍ରତିକ୍ରିୟା ସୃଷ୍ଟି କରି ଅସଂଖ୍ୟ ଦୁଃଖ ଯନ୍ତ୍ରଣା ସୃଷ୍ଟି କରୁଛି ତା ନିଜ ମନରେ। ବିଷୟଟିକୁ ସଠିକ ଅନୁଧ୍ୟାନ କରି ନାରୀକୁ ଉପଯୁକ୍ତ ଶିକ୍ଷା ଦିଆଗଲେ ଯେ କେବଳ ସେମାନେ ସୁଖ ପାଇବେ ତା ନୁହେଁ ବରଂ ସେମାନଙ୍କ ପ୍ରକୋପରୁ ସୃଷ୍ଟି ହେଉଥିବା ଅନ୍ୟାନ୍ୟ ଅଦୃଶ୍ୟ, ଅଜ୍ଞାତ ସାମାଜିକ ପ୍ରଭାବ ଗୁଡିକ ମଧ୍ୟ ପ୍ରଶମିତ ହୋଇ ଏକ ସୁନ୍ଦର ସାମାଜିକ ବାତାବରଣ ସୃଷ୍ଟି କରାଯାଇ ପାରିବ।

ପ୍ରାଥମିକ ସ୍ତରରେ ନାରୀକୁ ଉପସ୍ଥିତ ସମୟର ପାଶ୍ଚାତ୍ୟ ଧାରାରେ ପ୍ରଚଳିତ ନକରି ଭାରତୀୟ ବିଚାର ଜନିତ ମନସ୍ତାତ୍ତ୍ୱିକ ଦର୍ଶନ ଦେବାକୁ ପଡିବ। ନାରୀକୁ ସ୍ୱୟଂପ୍ରଭ ବା ସ୍ୱାଭିମାନୀ କରିବା ଅର୍ଥାତ୍ ସେମାନଙ୍କ ମାନସିକ ବିଡମ୍ବନା ସୃଷ୍ଟି କରିବା ଯାହା ପ୍ରକୃତି ବିରୁଦ୍ଧ। ତଦ୍ୱାରା ସେମାନଙ୍କ ମନରେ ପୁରୁଷ ଭଳି କଠୋରତା ସୃଷ୍ଟି ହେବା ନିଶ୍ଚିତ ଯାହା ସମାଜ ପ୍ରତି କ୍ଷତିକାରକ। ପ୍ରକୃତି ଯାହାକୁ ଯାହା କରିଛି ତାହା ଠାରୁ ଦୁରେଇ ଏକ କୃତ୍ରିମ ବିଚାର କେବେହେଲେ ମଣିଷକୁ ପ୍ରଗତି ଦିଗଗାମୀ କରିପାରିବ ନାହିଁ। କେତେକ କ୍ରୁର ଚତୁରଙ୍କ ଷଡ଼ଯାନ୍ତ୍ରିକ ସାମାଜିକ ପ୍ରହେଳିକା କାରଣରୁ ସମାଜରେ ସୃଷ୍ଟି ହେଉଥିବା ନାରୀ ସଶକ୍ତିକରଣ ପ୍ରକ୍ରିୟା କେବଳ ସେମାନଙ୍କ ସ୍ୱାର୍ଥ ପାଇଁ ଯାହା ସମାଜ ପାଇଁ ଆଦୌ ଶୁଭଙ୍କର ନୁହେଁ। ନାରୀ ସଶକ୍ତିକରଣର ସଜ୍ଞା ବୁଝିନଥିବା ମଣିଷ ଆଜି ନାରୀକୁ ଆର୍ଥିକ ରୋଜଗାର ଦେଇ ଯେଉଁ ସଶକ୍ତ କରିବାର ନାରା ସୃଷ୍ଟି କରୁଛନ୍ତି ତାହା କେବଳ ସାଧାରଣ ପାରିବାରିକ କ୍ଷେତ୍ରରେ ଝଡ଼ ସୃଷ୍ଟି କରି ଏକ ସ୍ୱୟଂବିଚାର ସୃଷ୍ଟି କରି ରାଜୁତି କରିବାକୁ ରଖାଯାଇଥିବା ଲକ୍ଷ୍ୟ ଛଡା ଆଉ କିଛି ନୁହେଁ। ନାରୀକୁ ପାଶ୍ଚାତ୍ୟ ଶିକ୍ଷା, ଧନ ଦେଇ ସଶକ୍ତ କରିବା ଅର୍ଥ ନୁହେଁ ସାମାଜିକ ବିକାଶ ବରଂ ତାହା ବିନାଶର କାରଣ ମାତ୍ର ! ନାରୀକୁ ଉପଯୁକ୍ତ ମନସ୍ତାତ୍ତ୍ୱିକ ଜ୍ଞାନ ତଥା ସେମାନଙ୍କୁ ପ୍ରକୃତି ଯାହା କରିଛି ତାହା ଉପରେ ଶିକ୍ଷା ପ୍ରଦାନ କରାଗଲେ ସମାଜରେ ମଙ୍ଗଳ ସାଧିତ ହେବା ସହିତ ମାନବ ଜାତି ପ୍ରକୃତ ସୁଖ ପାଇ ପାରିବ। ଅନ୍ୟଥା ମଣିଷ ସମାଜ ଦିନକୁ ଦିନ ଏକ ରକମ ନିମ୍ନଗମୀ ହେଉଥିବା ହୁଏତ ବୁଝିପାରୁଛନ୍ତି କେତେକ ଜ୍ଞାନୀ ମଣିଷ ଯାହା ସମସ୍ତେ ନୁହେଁ।

ବର୍ତ୍ତମାନ ଆମକୁ ସାମାଜିକ ସ୍ତରରେ ଚାଲିଥିବା କୁହେଳିକା ପ୍ରହେଳିକା ଠାରୁ ଦୁରେଇ ନିଜ ପରିବାର କ୍ଷେତ୍ରରେ ବିଚାର କରିବାକୁ ହେବ। ନିଜ ପରିସୀମା ମଧ୍ୟରେ ବିଚାର କରି ଆମ ପରିବାରର ମହିଳାଙ୍କୁ କେଉଁ ଦିଗରେ ଶିକ୍ଷା ଦେଇ କେମିତି ଗଢିଲେ ପରିବାରରେ ସୁଖ ଶାନ୍ତି ମିଳିବ ବିଚାର କରିବାକୁ ହେବ। ଅନ୍ୟଥା ସାମାଜିକ ସ୍ରୋତରେ ନିଜର ପରିବାର ମହିଳା ମାନଙ୍କୁ ଭସାଇ ଦେଇ ଆସନ୍ତା ପିଢିଙ୍କ ପାଇଁ ଏକ ସୁନ୍ଦର ସୁଖୀ ସଂସାର ଆଶା କରିବା ଏକ ଅଲୌକିକ ନିରର୍ଥକ ବିଚାର କେବଳ ! ପ୍ରତ୍ୟେକ ମଣିଷ ନିଜ ନିଜ ପରିବାର ମଧ୍ୟରେ ରହିଥିବା ମହିଳାଙ୍କ ପ୍ରତି ସମ୍ବେଦନଶୀଳ ହେବା ଏକାନ୍ତ ଆବଶ୍ୟକ। ସେମାନଙ୍କୁ ଯେଉଁ ଦାୟିତ୍ୱ ଦେଇଛି ପ୍ରକୃତି ତା'ଠାରୁ ଦୁରେଇ ପୁରୁଷଙ୍କ କ୍ଷେତ୍ରରେ ନିୟୋଜିତ କଲେ ଏକ ପାର୍ଥିବ ଦୁନିଆର ଭାବନାତ୍ମକ ଆନନ୍ଦ ମିଳିପାରେ କିନ୍ତୁ ପାରିବାରିକ ମାନବିକ ସୁଖ ଶାନ୍ତି ମିଳିବା ସମ୍ପୂର୍ଣ୍ଣ ଅସମ୍ଭବ। ଯାହା ପୁରୁଷଙ୍କୁ କରିବାକୁ ବ୍ୟବସ୍ଥା ରହିଛି ତାହା ଜଣେ ନାରୀ କରିବା ଅର୍ଥ ତାକୁ ଏକ ତୀବ୍ର ବିଡମ୍ବନାର କ୍ଷେତ୍ରରେ ବସାଇ ବିପରୀତମୁଖୀ ପ୍ରତିକ୍ରିୟାର ବଶବର୍ତ୍ତୀ କରିବା ଯାହା ପାରିବାରିକ ସୁଖ ଦେବାରେ କୌଣସି ସହାୟକ ହେବନାହିଁ କେବଳ ମାନସିକ ସନ୍ତୁଷ୍ଟି ବ୍ୟତୀତ। ଏହାକୁ ଅନୁଭବ କରିପାରୁନଥିବା ମଣିଷମାନେ ଏକ ପ୍ରୟୋଗାତ୍ମକ ବିଚାର ନେଇ ଦେଖିଲେ ଜାଣିପାରିବେ ଯେ ଯଦି ଜଣେ ପୁରୁଷ ଜଣେ ମହିଳାର ସମସ୍ତ କର୍ମ ଦିନସାରା କରୁଥାଏ ତାହେଲେ ତା ମନର ଭାବନା କେମିତି ଜଣେ ମହିଳା ଭଳି ହୋଇଥାଏ। ଠିକ୍ ସେହିଭଳି ପୁରୁଷଙ୍କ କାର୍ଯ୍ୟକୁ ମହିଳା କରିବାକୁ ଲାଗିଲେ ସେମାନଙ୍କ ଗୁଣ, ଚରିତ୍ର ମଧ୍ୟ ପୁରୁଷଙ୍କ ଭଳି ହୋଇଯାଏ ଯାହା ମଣିଷ ସମାଜର ଏକ ପ୍ରାକୃତିକ ଲକ୍ଷଣ ନୁହେଁ। ଏବଂ ତାହା ମଣିଷକୁ ସୁଖ ବଦଳରେ ସବୁବେଳେ ଦୁଃଖ ଦେବା ହିଁ ସୁନିଶ୍ଚିତ ଯାହା ହୁଏତ ଅନେକ ପରିବାରରେ ଘଟୁଛି ଆଜି ସମୟରେ।

# ଜାତି ଜନଗଣନାର ଗୁରୁତ୍ୱ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ତେଲେଙ୍ଗାନାର କଂଗ୍ରେସ ସରକାର ରାଜ୍ୟରେ ଜାତିଭିତିକ ଜନଗଣନା ବା ଜାତିଗତ ସର୍ଭେ ଆରମ୍ଭ କରିଛନ୍ତି, ଯାହାକି ୨୦୨୩ ବିଧାନସଭା ନିର୍ବାଚନରେ କଂଗ୍ରେସ ଦେଇଥିବା ପ୍ରତିଶ୍ରୁତି ପୁରଣ ଅଭିମୁଖେ ଏକ ପଦକ୍ଷେପ ବୋଲି କୁହାଯାଇପାରିବ। ଏହି ସର୍ଭେ ଆଧାରରେ ରାଜ୍ୟରେ ପଛୁଆ ବର୍ଗ (ବିସି)ଙ୍କ ପାଇଁ ସଂରକ୍ଷଣ ପରିମାଣ ବୃଦ୍ଧି କରିପାରେ କହିବା ବାହୁଲ୍ୟ ଯେ, ଓବିସିଙ୍କ ପାଇଁ ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ କୋଟା ବୃଦ୍ଧି ପାଇଁ ନିର୍ବାଚନ ଇସ୍ତାହାରର ପ୍ରତିଶ୍ରୁତି ଦେଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପଛୁଆ ବର୍ଗର ପାଞ୍ଚଟି କାଟେଗୋରୀ ଅଧୀନରେ ଏବେ ତେଲେଙ୍ଗାନାର ୧୧୨ଟି ସମ୍ପ୍ରଦାୟ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୯ ପ୍ରତିଶତ ସଂରକ୍ଷଣ କୋଟା ଉପଭୋଗ କରୁଛନ୍ତି। ଏହି ୨୯ ପ୍ରତିଶତ ମଧ୍ୟରେ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ପଛୁଆ ଥିବା ମୁସଲିମଙ୍କ ପାଇଁ ୪ ପ୍ରତିଶତ କୋଟା ରହିଛି। ଏହି ସର୍ଭେ ଏପରି ଏକ ସମୟରେ ଆରମ୍ଭ ହୋଇଛି, ଯେତେବେଳେ ସାରା ଦେଶରେ ଜାତିଭିତ୍ତିକ ଜନଗଣନା ଦାବି ଯୋର ଧରିଛି। ବିହାରରେ ନୀତିଶ ସରକାର ପ୍ରଥମ ରାଜ୍ୟ ସରକାର ଭାବେ ଜାତିଭିତ୍ତିକ ଜନଗଣନା ସର୍ଭେ ସାର୍ବଜନୀନ କରିଥିବାବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ମଧ୍ୟ। ସେହିପରି ତାମିଲନାଡୁ ସରକାର ଆଗୁଆ ପଦକ୍ଷେପ ସ୍ୱରୁପ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ କୋଟା ବୃଦ୍ଧି ନିଷ୍ପତ୍ତି ନେଇଛି। ଆହୁରି ମଧ୍ୟ ମହାରାଷ୍ଟ୍ରରେ କଂଗ୍ରେସ, ଶିବସେନା(ଉଦ୍ଧବ) ଏବଂ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଶରଦ୍ ପାୱାର)କୁ ନେଇ ଗଠିତ ମହାବିକାଶ ଅଘାଡି (ଏମଭିଏ) ରାଜ୍ୟରେ ଜାତିଭିତ୍ତିକ ଜନଗଣନା ପାଇଁ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। ସମାଜର ତଳ ସ୍ତରରେ ଥିବା ଗରିବ, ଅସହାୟ ଲୋକଙ୍କ କଲ୍ୟାଣ ପାଇଁ ଜାତିଭିତିକ ଜନଗଣନା ଅତ୍ୟନ୍ତ ଉତ୍ତମ ବୋଲି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ) କହିଥିବାବେଳେ ବିଜେପି କିନ୍ତୁ ଏହାପ୍ରତି ନୀରବ। କେନ୍ଦ୍ର ସରକାର ମଧ୍ୟ ସାମାଜିକ ଅର୍ଥନୈତିକ ଉପରେ ଜାତିଗତ ତଥ୍ୟ ସଂଗ୍ରହ ଏବଂ ୨୦୧୧ ଜାତି ଗଣନାର ତଥ୍ୟ ସାର୍ବଜନୀନ କରିବାର କୌଣସି ପ୍ରସ୍ତାବ ନାହିଁ ବୋଲି କହିଛନ୍ତି। କିନ୍ତୁ ବାସ୍ତବରେ କର୍ଣ୍ଣାଟକ ସରକାର ଦୀର୍ଘ ୧୦ବର୍ଷ ତଳେ ସାମାଜିକ ଅର୍ଥନୈତିକ ଏବଂ ଶିକ୍ଷା ସର୍ଭେ ଆରମ୍ଭ କରିଥିଲେ, ଯାହାର ଚୂଡାନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କୁ ପ୍ରଦାନ କରାଯାଇଥିଲେ ମଧ୍ୟ ରିପୋର୍ଟ ଏବେ ବି ସାର୍ବଜନୀନ କରାଯାଇନାହିଁ। ଏହା ନିସନ୍ଦେହ ଯେ, ଏସଟି, ଏସଟି ଏବଂ ଓବିସିଙ୍କ ପାଇଁ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଥିବା ସର୍ବୋଚ୍ଚ ସୀମା ୫୦ ପ୍ରତିଶତରୁ ବୃଦ୍ଧି କରିବା ପାଇଁ ଜାତିଭିତ୍ତିକ ଜନଗଣନା ଦାବି ଯୋର ଧରିଛି। ଗଲା ଜୁନ ମାସରେ ବିହାରରେ ଏସଟି, ଏସସି ଏବଂ ଓବିସିଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ବୃଦ୍ଧି ପାଇଁ ରାଜ୍ୟ ସରକାର ପ୍ରଣୟନ କରିଥିବା ଦୁଇଟି ଆଇନକୁ ରଦ୍ଦ କରିଦେଇଥିଲେ। ପୂର୍ବରୁ ନୀତିଶ ସରକାର ଜାତିଭିତ୍ତିକ ଜନଗଣନା କରି ଏହି ଦୁଇଟି ଆଇନ ପ୍ରଣୟନ କରିଥିଲେ। ଅନ୍ୟପକ୍ଷରେ ତାମିଲନାଡୁ ସରକାର ରାଜ୍ୟର ଜନବହୁଳ ଭାନିୟାର ସମ୍ପ୍ରଦାୟ ପାଇଁ କରିଥିବା ୧୦.୫ ପ୍ରତିଶତ ସଂରକ୍ଷଣକୁ ମାଡ୍ରାସ ହାଇକୋର୍ଟ ରଦ୍ଦ କରିଥିଲେ, ଯାହାକୁ ସୁପ୍ରିମକୋର୍ଟ କାଏମ ରଖିବା ସହ ୨୦୨୧ ଆକ୍ଟ ଆଧାରରେ ଅତ୍ୟନ୍ତ ପୁରୁଣାକାଳିଆ ତଥ୍ୟ ବୋଲି ଦର୍ଶାଇ ଥିଲେ। ଏହା ସଂରକ୍ଷଣ କୋଟା ବୃଦ୍ଧି ପାଇଁ ପଥ ପରିଷ୍କାର କରିପାରିବ ନାହିଁ। ସେହିପରି ସଂରକ୍ଷଣ କୋଟାକୁ ୫୦ ପ୍ରତିଶତରୁ ଅଧିକ କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଥିଲେ। ତେବେ ସମ୍ବିଧାନର ୧୬(୪) ଅନୁଚ୍ଛେଦରେ କୁହାଯାଇଛି ଯେ, ସରକାରୀ ଚାକିରିରେ ଯେଉଁ ସମ୍ପ୍ରଦାୟର ଯଥେଷ୍ଟ ପ୍ରତିନିଧିତ୍ୱ ନଥିବା ସେ କ୍ଷେତ୍ରରେ ନିଯୁକ୍ତି କୋଟା ବୃଦ୍ଧି କରାଯାଇପାରିବ। ଜାତିଗତ ଜନଗଣନା ଆଧାରରେ ଓବିସି ସଂରକ୍ଷଣ କୋଟା ବୃଦ୍ଧି ପାଇଁ କୌଣସି ରାଜନୈତିକ ଉଦ୍ୟମ କରିବା ଉଚିତ ନୁହେଁ। ଆହୁରି ମଧ୍ୟ ଓବିସିରେ ଥିବା କ୍ରିମ ଲୟେରମାନଙ୍କୁ ଆୟ ଆଧାରରେ ସଂରକ୍ଷଣରୁ କେନ୍ଦ୍ର ସରକାର ବାଦ୍ ଦେବା ଜରୁରୀ। ଜାତିଗତ ଜନଗଣନା ଦ୍ୱାରା ପଛୁଆ ବର୍ଗ ସମ୍ପ୍ରଦାୟର କଲ୍ୟାଣ ପାଇଁ ବହୁବିଧ ଯୋଜନା କରାଯାଇପାରିବ କିନ୍ତୁ ଜାତିଗତ ସର୍ଭେ ଓବିସିଙ୍କ ପାଇଁ ସଂରକ୍ଷଣ କୋଟା ବୃଦ୍ଧିରେ ସହାୟକ ହୋଇନପାରେ, ଯେତେବେଳେ ପର୍ଯ୍ୟନ୍ତ ସୁପ୍ରିମକୋର୍ଟ ସଂରକ୍ଷଣ ସୀମା ନେଇ ପୁର୍ନବିଚାର କରିନାହାଁନ୍ତି। କିନ୍ତୁ ଏହା ନିସନ୍ଦେହ ଯେ, ଜାତିଗଣନା ସାଂପ୍ରତିକ ସମୟରେ ଏକାନ୍ତ ଜରୁରୀ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଆଇସିସି ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପାଇଲେ ଯଶପ୍ରୀତ୍ ବୁମ୍ରା

**ନୂଆଦିଲ୍ଲୀ**



ଭାରତୀୟ ଟିମ୍‌ର ଷ୍ଟାର ଦ୍ରୁତ ବୋଲର ହେଉଛନ୍ତି ଯଶ୍‌ପ୍ରୀତ ବୁମ୍ରା। ଟେଷ୍ଟ, ଟି-୨୦ ଓ ଦିନିକିଆ କ୍ରିକେଟରେ ବୁମ୍ରା କ୍ରମାଗତ ଭଲ ପ୍ରଦର୍ଶନ କରି ଆସୁଛନ୍ତି। ନିଜର ଘାତକ ବୋଲିଂ ବଳରେ ସେ ଭାରତକୁ ଅନେକ ମ୍ୟାଚ୍‌ରେ ବିଜୟ କରାଇଛନ୍ତି। ନିକଟରେ ଶେଷ ହୋଇଥିବା ବର୍ଡର-ଗାଭାସ୍କର ଟ୍ରଫି ଠାରୁ ୨୦୨୪ ଟି-୨୦ ବିଶ୍ୱକପ, ସବୁଥିରେ ବୁମ୍‌ରାଙ୍କ ଜଲୱା ଦେଖିବାକୁ ମିଳିଥିଲା। ବୁମ୍‌ରାଙ୍କୁ ଶତାବ୍ଦୀର ଶ୍ରେଷ୍ଠ ବୋଲର ଆଖ୍ୟା ମଧ୍ୟ ମିଳିଛି। ସେ ଅନେକ ବଡ଼ବଡ଼ ବ୍ୟାଟରଙ୍କୁ ଘାଇଲା କରିବାରେ ସକ୍ଷମ।

ଏବେ ବୁମ୍ରା ବିଶ୍ୱ ଟେଷ୍ଟ କ୍ରିକେଟର ୧ ନଂ ବୋଲର। ଏସବୁ ଭିତରେ ବୁମ୍‌ରାଙ୍କୁ ମିଳିଛି ଆଉ ଏକ ବଡ଼ ସଫଳତା। ସେ ଆଇସିସି ଟେଷ୍ଟ କ୍ରିକେଟର ଅଫ ଦ ଇୟର ପୁରସ୍କାର ଜିତିଛନ୍ତି। ୨୦୨୪ରେ ବୁମ୍ରା ୧୩ ଟେଷ୍ଟରେ ରେକର୍ଡ ୭୧ଟି ୱିକେଟ ଦଖଲ କରିଛନ୍ତି। ତାଙ୍କ ଠାରୁ ୨୦୨୪ରେ କେହି ବି ଅଧିକ ୱିକେଟ ନେଇ ନାହାନ୍ତି। ବୁମ୍ରା ଆଇସିସି ଟେଷ୍ଟ କ୍ରିକେଟର ଅଫ ଦି ଇୟର ବା ବର୍ଷର ଶ୍ରେଷ୍ଠ କ୍ରିକେଟର ପୁରସ୍କାର ଜିତିବାରେ ଭାରତର ୬ଷ୍ଠ ଖେଳାଳି।

ତାଙ୍କ ପୂର୍ବରୁ ୨୦୦୪ରେ ରାହୁଲ ଦ୍ରାବିଡ଼, ୨୦୦୯ରେ ଗୌତମ ଗମ୍ଭୀର, ୨୦୧୦ରେ ବୀରେନ୍ଦ୍ର ସେହ୍ୱାଗ, ୨୦୧୬ରେ ରବିଚନ୍ଦ୍ରନ ଅଶ୍ୱିନ ଓ ୨୦୧୮ରେ ବିରାଟ କୋହଲି ଏପରି ସମ୍ମାନର ଅଧିକାରୀ ହୋଇଥିଲେ। ୨୦୧୮ ପରେ ଭାରତର କୌଣସି ଖେଳାଳି ଆଇସିସି ଶ୍ରେଷ୍ଠ ଟେଷ୍ଟ କ୍ରିକେଟର ଅଫ ଦି ଇୟର ପୁରସ୍କାର ଜିତି ପାରି ନଥିଲେ। କିନ୍ତୁ ବୁମ୍ରା ୨୦୨୪ରେ ଏହି ପୁରସ୍କାର ଜିତିବାକୁ ସକ୍ଷମ ହୋଇଛନ୍ତି।

ବୁମ୍ରା ପୁରସ୍କାର ଜିତିବା ପରେ ଭାରତ ପ୍ରତିପକ୍ଷ ଅଷ୍ଟ୍ରେଲିଆର ସମକକ୍ଷ ହୋଇଛି। ଭାରତ ଭଳି ଅଷ୍ଟ୍ରେଲିଆର ବିଭିନ୍ନ ଖେଳାଳି ମୋଟ ୬ଥର ଆଇସିସି ଟେଷ୍ଟ କ୍ରିକେଟର ଅଫ ଦି ଇୟର ହୋଇପାରିଥିଲେ। ତେବେ ଷ୍ଟିଭ ସ୍ମିଥ୍ (୨୦୧୫ ଓ ୨୦୧୭) ଏକମାତ୍ର ଖେଳାଳି ଯିଏ ନିଜ କ୍ୟାରିୟରରେ ଏହି ସମ୍ମାନଜନକ ପୁରସ୍କାରକୁ ଦୁଇ ଥର ଜିତିବାର ରେକର୍ଡ କରିଛନ୍ତି। ୨୦୨୪ରେ ବୁମ୍ରା ସର୍ବାଧିକ ୱିକେଟ ଦଖଲକାରୀ ତାଲିକାର ୧ନଂ ସ୍ଥାନରେ ଥିବା ବେଳେ ତାଙ୍କ ପଛକୁ ଥିବା ଇଂଲଣ୍ଡର ଗସ ଅଟକିନସନଙ୍କ ନାଁରେ ୧୧ଟି ମ୍ୟାଚ୍‌ରେ ୫୨ଟି ସଫଳତା ରହିଛି।

ଆହତ ସମସ୍ୟା କାରଣରୁ ବୁମ୍ରା ନିୟମିତ ଟେଷ୍ଟ କ୍ରିକେଟ ଖେଳି ପାରୁ ନଥିଲେ। କିନ୍ତୁ ୨୦୨୩ ଶେଷ ଭାଗରେ ସେ ଆହତ ସମସ୍ୟାରୁ ମୁକୁଳି ଦଳକୁ କମ୍‌ବ୍ୟାକ୍ କରିଥିଲେ। ସେବେଠାରୁ ସେ ଜବରଦସ୍ତ ବୋଲିଂ କରିବା ସହ ୱିକେଟ ସଂଖ୍ୟା ବଢ଼ାଇ ଗୋଟିଏ ପରେ ଗୋଟିଏ ରେକର୍ଡ କରି ଚାଲିଛନ୍ତି। ବୁମ୍‌ରାଙ୍କ ଘାତକ ବୋଲିଂ ଯୋଗୁ ଭାରତ ଘରୋଇ ମାଟିରେ ଇଂଲଣ୍ଡ ଓ ବାଂଲାଦେଶ ବିପକ୍ଷରେ ସିରିଜ୍ ଜିତିଥିଲା। ସେହିପରି ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମାଟିରେ ମଧ୍ୟ ଦଳ ଟେଷ୍ଟ ଜିତିବାକୁ ସକ୍ଷମ ହୋଇଥିଲା।

ଏଯାଏ ଟେଷ୍ଟ କ୍ରିକେଟରେ ବୁମ୍ରା ୩୫୭ ଓଭର ବୋଲିଂ କରି ସାରିଛନ୍ତି। ହେଲେ ତାଙ୍କ ବୋଲିଂ ଇକୋନୋମି କେବଳ ୨.୯୬ ରହିଛି। ବର୍ତ୍ତମାନର ଆଧୁନିକ ଟେଷ୍ଟ କ୍ରିକେଟରେ ବ୍ୟାଟରମାନେ ଦ୍ରୁତ ଗତିରେ ରନ ସଂଗ୍ରହ କରୁଛନ୍ତି। ତଥାପି ବୁମ୍‌ରାଙ୍କ ଇକୋନୋମି ୩ରୁ କମ୍ ରହିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ୨୦୨୪ରେ ବୁମ୍‌ରାଙ୍କ ବୋଲିଂ ହାର ୧୪.୯୨ ରହିଥିବା ବେଳେ ଷ୍ଟ୍ରାଇକ୍ ରେଟ୍ ୩୦.୧ ରହିଛି।

ସେ ଗୋଟିଏ ବର୍ଷରେ ୭୧ଟି ୱିକେଟ ନେଇ ରେକର୍ଡ କରିଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୭୦ରୁ ଅଧିକ ୱିକେଟ ନେବାରେ ସେ ୪ର୍ଥ ଭାରତୀୟ। ରବିଚନ୍ଦ୍ରନ ଅଶ୍ୱିନ, ଅନୀଲ କୁମ୍ବଲେ ଓ କପିଲ ଦେବ ପୂର୍ବରୁ ଏପରି ରେକର୍ଡ କରିଥିଲେ। ବୁମ୍ରା ଅନେକ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। କିନ୍ତୁ ତାଙ୍କର ସର୍ବଶ୍ରେଷ୍ଠ ବୋଲିଂ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଦେଖିବାକୁ ମିଳିଥିଲା।

ପର୍ଥରେ ଖେଳାଯାଉଥିବା ପ୍ରଥମ ଟେଷ୍ଟରେ ଟିମ୍ ଇଣ୍ଡିଆର ନିୟମିତ ଅଧିନାୟକ ନଥିବାରୁ ବୁମ୍ରା କମାଣ ସମ୍ଭାଳିଥିଲେ। ବୁମ୍ରା ନିଜର ଜଲୱା ଦେଖାଇ ଭାରତକୁ ପର୍ଥରେ ଐତିହାସିକ ବିଜୟ ଭେଟି ଦେଇଥିଲେ। ଭାରତ ପ୍ରଥମ ଇନିଂସରେ ମାତ୍ର ୧୫୦ ରନ କରିଥିଲା। ହେଲେ ବୁମ୍ରା ୫ ୱିକେଟ ନେବାରୁ ଅଷ୍ଟ୍ରେଲିଆ ୧୦୪ ରନରେ ଅଲଆଉଟ ହୋଇ ଯାଇଥିଲା।

ଦ୍ୱିତୀୟ ଇନିଂସରେ ଯଶସ୍ୱୀ ଜୈସୱାଲ ଓ ବିରାଟ କୋହଲିଙ୍କ ଶତକ ଯୋଗୁ ଭାରତ ମ୍ୟାଚ୍ ଜିତିବା ପାଇଁ ଅଷ୍ଟ୍ରେଲିଆକୁ ୫୩୪ ରନର ଟାର୍ଗେଟ ଦେଇଥିଲା। ଦ୍ୱିତୀୟ ଇନିଂସରେ ବୁମ୍ରା ୩ଟି ୱିକେଟ ନେବାରୁ ଭାରତ ୨୯୫ ରନରେ ବିଜୟୀ ହୋଇଥିଲା।

## ୩୬ତମ ଲାଲମନି ସର୍ବ ଭାରତୀୟ ଟୁର୍ଣ୍ଣାମେଣ୍ଟ
# ବାପୁଜୀ କ୍ଲବ୍ ଭୁବନେଶ୍ୱର ଚାମ୍ପିଅନ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଗାନ୍ଧୀ ପଡ଼ିଆଠାରେ ଜିଲ୍ଲା କ୍ରିକେଟ ସଂଘ ତରଫରୁ ଅନୁଷ୍ଠିତ ହେଉଥିବା ୩୬ତମ ସର୍ବ ଭାରତୀୟ ଲାଲମନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍‌ରେ ବାପୁଜୀ କ୍ଲବ ଭୁବନେଶ୍ୱର ଉଭୟ ଟି୨୦ ଓ ଟି୧୦ ଫର୍ମାଟରେ ସୁନ୍ଦରଗଡ଼ ନବଜୀବନ ଦଳକୁ ପରାସ୍ତ କରି ବିଜୟୀ ହୋଇଛି। ବାପୁଜୀ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ଟି-୨୦ ଓଭରରେ ୧୬୭ ରନ କରିଥିଲେ। ଦଳ ପକ୍ଷରୁ ରାକେଶ ପଟ୍ଟନାୟକ ୬୭ରନ(୩୪ ବଲ) ସୟଦ ଜାକି ୩୫ ରନ(୨୩ବଲ) କରିଥିଲେ। ସୁନ୍ଦରଗଡ଼ ବ୍ରିଜେଶ ଶର୍ମା ୩ଟି, ପଥ୍ୱାନ ମାହାତୋ ୨ଟି ୱିକେଟ ନେଇଥିଲେ। ଜବାବରେ ସୁନ୍ଦରଗଡ଼ ସମସ୍ତ ୱିକେଟ ହରାଇ ୧୫୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାକୁଳ ରେଡ୍ଡୀ ୩୪ ରନ(୨୧ବଲ) ୱାଲଟର ଟୋପ୍ପୋ ୧୯ରନ (୨୨ବଲ) କରିଥିଲେ। ବାପୁଜୀ କ୍ଲବ ଦଳର ଦେବବ୍ରତ ପ୍ରଧାନ ୪ଟି, ପ୍ରୟାସ ସିଂହ ୩ଟି ୱିକେଟ ଅକ୍ତିୟାର କରିଥିଲେ। ଟି-୧୦ ମ୍ୟାଚ୍‌ରେ ବାପୁଜୀ କ୍ଲବ ୫ ୱିକେଟ ବିନିମୟରେ ୧୧୧ରନ କରିଥିଲେ। ଦଳର ଶୁଭମ ୩୯ରନ(୧୪ବଲ), ଶ୍ରେଷ୍ଠ ସାଗର ୩୦ରନ (୨୦ ବଲ) କରିଥିଲେ। ସୁନ୍ଦରଗଡ଼ ଦଳ ପକ୍ଷରୁ ସୌଭାଗ୍ୟ ରାଉତ ୨ଟି ଏବଂ ସୌମ୍ୟ ଲେଙ୍କା ଓ ବ୍ରିଜେଶ ଶର୍ମା ୧ଟି ଲେଖାଏଁ ୱିକେଟ ଅକ୍ତିୟାର କରିଥିଲେ। ୧୧୨ ରନ ବିଜୟ ଲକ୍ଷ୍ୟ ପିଛା କରି ସୁନ୍ଦରଗଡ଼ ଦଳ କେବଳ ୭୬ରନରେ ସୀମିତ ରହିଯାଇଥିଲା। ୱାଲଟର ଟୋପ୍ପୋ ୧୬ରନ(୧୪ ବଲ) ଓ ସୌଭାଗ୍ୟ ରାଉତ ୧୪ରନ (୫ବଲ) କରିଥିଲେ। ବାପୁଜୀ କ୍ଲବ ଦଳ ପକ୍ଷରୁ ରାକେଶ ପଟ୍ଟନାୟକ ୨ଟି, ସୁଶୀଲ ବାରିକ ୨ଟି, ପ୍ରଦୀପ ପ୍ରଧାନ ୨ଟି ୱିକେଟ ଅକ୍ତିୟାର କରିଥିଲେ। ବାପୁଜୀ କ୍ଲବର ରାକେଶ ପଟ୍ଟନାୟକ ଫାଇନାଲର ଶ୍ରେଷ୍ଠ ଖେଳାଳି, ଗୌରବ ଚୌଧୁରୀ ଶ୍ରେଷ୍ଠ ବ୍ୟାଟସ ମ୍ୟାନ, ସୁନ୍ଦରଗଡ଼ ଦଳର ବ୍ରିଜେଶ ଶର୍ମା ଶ୍ରେଷ୍ଠ ବୋଲର, ଶ୍ରେଷ୍ଠ ଉଇକେଟ ରକ୍ଷକ ଶ୍ରେଷ୍ଠ ସାଗର, ଶ୍ରେଷ୍ଠ କ୍ଷେତ୍ରରକ୍ଷକ ପ୍ରୟାସ ସିଂହ, ଟୁର୍ଣ୍ଣାମେଣ୍ଟ ଶ୍ରେଷ୍ଠ ଖେଳାଳି ରାକେଶ ପଟ୍ଟନାୟକ, ଉଦୀୟମାନ ଖେଳାଳି ଭାବରେ ସୋନପୁରର ବରୁଣ ଦାସ ପ୍ରମୁଖ ଖେଳାଳିମାନଙ୍କୁ ପୁରସ୍କୃତ କରି ସମ୍ମାନୀତ କରିଯାଇଥିଲା। ଜିଲ୍ଲା କ୍ରିକେଟ ସଂଘର ସଭାପତି ରାମ ଶଙ୍କର ସାହୁ ଅଧ୍ୟକ୍ଷତାରେ ଉଦ୍‌ଯାପିତ ଉତ୍ସବ ପାଳିତ ହୋଇଥିଲା। ଆନ୍ତର୍ଜାତିକ ଖେଳାଳି ସୌରଭ ତିୱାରୀ ବିଶେଷ ଅତିଥି ଭାବରେ ମଞ୍ଚାସୀନ ଥିଲେ। ବିଶେଷ ଅତିଥି ଖେଳାଳି ତିୱାରୀ ବିଜେତା ଦଳ ବାପୁଜୀ କ୍ଲବ୍ ୮୦ହଜାର ଏବଂ ଉପ ବିଜେତା ସୁନ୍ଦରଗଡ଼ ଦଳଙ୍କୁ ୫୦ ହଜାର ଚେକ ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଉଦ୍‌ଯାପିତ ଦିବସ ସନ୍ଧ୍ୟାରେ ଓସିଏ ଯୁଗ୍ମ ସଂପାଦକ ପ୍ରଭାତ ଭୋଳ, ଓସିଏ ଏଜୁକ୍ୟାଟିଭ କାଉନସିଲର ଧୀରେନ ପଲେଇ, ଓସିଏ ପୂର୍ବତନ ଯୁଗ୍ମ ସଂପାଦକ ମହେତାବ ଖାନ, ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁପାର ଠେଲା ସମ୍ମାନୀତ ଅତିଥି ଭାବର ମଞ୍ଚାସୀନ ହୋଇ ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲା କ୍ରିକେଟ ସଂଘର ସଂପାଦକ ପ୍ରଦୀପ ସେଠୀ ବୀବରଣୀ ପାଠ କରିଥିଲା ବେଳେ ଉପ ସଭାପତି ବି. ସତ୍ୟ ନାରାୟଣ ଧନ୍ୟବାଦ ଅର୍ପଣ କରିଥିଲେ।

# ବାରବାଟୀରେ ପିଚ୍ ଏବଂ ଆଉଟ୍‌ଫିଲ୍ଡର ସ୍ଥିତି ପରଖିଲେ ବିସିସିଆଇ ଚିଫ୍ କ୍ୟୁରେଟର



**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକରେ ବିସିସିଆଇ ଚିଫ୍ କ୍ୟୁରେଟର। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡର ଚିଫ୍ କ୍ୟୁରେଟର ଆଶିଷ ଭୌମିକ କଟକରେ ପହଞ୍ଚିଛନ୍ତି। ଷ୍ଟାଡ଼ିୟମକୁ ଯାଇ ପିଚ୍ ଓ ଆଉଟ୍‌ଫିଲ୍ଡର ସ୍ଥିତି ନୀରିକ୍ଷଣ କରିଛନ୍ତି ବିସିସିଆଇ ଚିଫ୍ କ୍ୟୁରେଟର। ତାଙ୍କ ସହିତ ଆଉ କିଛି ଅଧିକାରୀ ଥିବା ମଧ୍ୟ ଜଣାପଡ଼ିଛି। ଫେବୃୟାରୀ ୯ ତାରିଖରେ ଭାରତ-ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ଦିନିକିଆ ମ୍ୟାଚ୍ କଟକର ବାରବାଟୀ ଷ୍ଟାଡ଼ିୟମ୍‌ରେ ଖେଳାଯିବ। ଏଥିପାଇଁ ଓସିଏ ପ୍ରସ୍ତୁତି ଜୋରଦାର କରୁଛି। ଷ୍ଟାଡ଼ିୟମ୍‌ରେ ଲଗାତର ଭାବେ ଉନ୍ନତିକରଣ କାମ ଚାଲିଛି, ଯାହାକୁ ତଦାରଖ କରୁଛି ଓସିଏର ବରିଷ୍ଠ ଅଧିକାରୀ। ତେବେ ଏସବୁ ଭିତରେ ପିଚ୍ ଓ ଆଉଟ୍‌ଫିଲ୍ଡର କାମ ସରିଥିବାର ସୂଚନା ମିଳିଥିଲା। ଯାହାର ସ୍ଥିତି ଏବଂ ନୀରିକ୍ଷଣ ପାଇଁ ଆସିଛନ୍ତି ବିସିସିଆଇର ଚିଫ୍ କ୍ୟୁରେଟର ଆଶିଷ ଭୌମିକ। ଓସିଏର ପିଚ୍ କ୍ୟୁରେଟର ସହିତ ପିଚ୍ ଏବଂ ଆଉଟ୍‌ଫିଲ୍ଡର ସ୍ଥିତି ପରିଖିଛନ୍ତି। ଏହାସହିତ କିଛି କିଛି ସ୍ଥାନରେ ଥିବା ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ମଧ୍ୟ କହିଛନ୍ତି। ଅନ୍ୟପଟେ ଫେବୃୟାରୀ ୯ ତାରିଖରେ ହେବାକୁ ଥିବା ମ୍ୟାଚ୍‌କୁ ନେଇ ପ୍ରଶାସନ ପୁରା ସଜାଗ ରହିଛି। ଟ୍ୱିନ୍‌ସିଟିର ପୋଲିସ କମିଶନର, କଟକ ଡିସିପି ଲଗାତର ଭାବେ ବିଭିନ୍ନ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରୁଛନ୍ତି। ଏହାବ୍ୟତୀତ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ନିକଟରେ ବସିଥିବା ସମୀକ୍ଷା ବୈଠକରେ ସୂଚନା ଦେଇଥିଲେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ।

# ସ୍ମୃତି ମନ୍ଧାନା ହେଲେ ୨୦୨୪ର ଶ୍ରେଷ୍ଠ କ୍ରିକେଟର

**ନୂଆଦିଲ୍ଲୀ**




ତାରକା ଭାରତୀୟ ବ୍ୟାଟର ସ୍ମୃତି ମନ୍ଧାନା ଆଇସିସି ମହିଳା ଦିନିକିଆ କ୍ରିକେଟର ଅଫ୍ ଦି ଇୟର ୨୦୨୪ ପୁରସ୍କାର ଜିତିଛନ୍ତି। ୨୮ ବର୍ଷୀୟ ବାମହାତୀ ଓପନିଂ ବ୍ୟାଟର ଗତ ବର୍ଷ ଭାରତୀୟ ମହିଳା ଟିମ୍ ପାଇଁ ୧୩ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ ଏବଂ ଚାରୋଟି ଶତକ ଏବଂ ତିନୋଟି ଅର୍ଦ୍ଧଶତକ ସହାୟତାରେ ୭୪୭ ରନ କରି ସର୍ବାଧିକ ରନ ସ୍କୋର କରିଥିଲେ।

ଏଥିସହିତ ମନ୍ଧାନାଙ୍କୁ ନ୍ୟୁଜିଲାଣ୍ଡର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ସୁଜି ବେଟ୍ସଙ୍କ ସର୍ବାଧିକ ମହିଳା ଦିନିକିଆ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ଜିତିବାର ରେକର୍ଡର ସମକକ୍ଷ ହୋଇଛନ୍ତି। ବେଟ୍ସ ୨୦୧୩ ଏବଂ ୨୦୧୬ରେ ଶ୍ରେଷ୍ଠ ପୁରସ୍କାର ଜିତିଥିଲେ, ଯେତେବେଳେ ମନ୍ଧାନା ୨୦୧୮ରେ ତାଙ୍କର ପ୍ରଥମ ଦିନିକିଆ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପାଇଥିଲେ। ୨୦୨୪ ବର୍ଷ ମନ୍ଧାନାଙ୍କ ପାଇଁ ଏକ ସ୍ମରଣୀୟ ବର୍ଷ ଥିଲା। ସେ ଚାରୋଟି ଶତକ ହାସଲ କରିଥିଲେ। ଯାହା ତାଙ୍କୁ ଭାରତ ପାଇଁ ମିତାଲୀ ରାଜ୍‌ଙ୍କ ଦିନିକିଆରେ ସର୍ବାଧିକ ଶତକର ରେକର୍ଡ ଭାଙ୍ଗିବାରେ ସାହାଯ୍ୟ କରିଥିଲା ଏବଂ ଏହା ସହିତ ସେ ଟି ୨୦ ରେ ସର୍ବାଧିକ ରନ ସ୍କୋରର ଭାବରେ ମଧ୍ୟ ବର୍ଷ ଶେଷ କରିଥିଲେ।

ମନ୍ଧାନା ଶ୍ରେଷ୍ଠ ମହିଳା ଦିନିକିଆ ୨୦୨୫ ପୁରସ୍କାର ଜିତିବା ପରେ ଖୁସି ପ୍ରକାଶ କରି କହିଛନ୍ତି, "ମୁଁ ଏହି ପୁରସ୍କାର ପାଇ ଆଇସିସିକୁ ଧନ୍ୟବାଦ ଦେବାକୁ ଚାହୁଁଛି। ଗତ ବର୍ଷ ଦିନିକିଆ ଫର୍ମାଟରେ ଭାରତୀୟ ଦଳ ପାଇଁ ଭଲ ଥିଲା, ଏବଂ ମୁଁ ଖୁସି ଯେ ମୁଁ ଯୋଗଦାନ ଦେଇପାରିଲି।" "ମୁଁ ସମସ୍ତ ସମର୍ଥନ ପାଇଁ ପ୍ରଶିକ୍ଷକ ଏବଂ ମୋ ପରିବାରକୁ ଧନ୍ୟବାଦ ଦେବାକୁ ଚାହୁଁଛି ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମସ୍ତ ଉତ୍ଥାନ-ପତନ ସମୟରେ ମୋ ସହିତ ଥିବା ମୋର ସାଥୀ ଖେଳାଳିମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି।"

## ସିଏମ୍ କପ ଆନ୍ତଃ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ
# ଟାଟା ଷ୍ଟିଲ ଫାଉଣ୍ଡେସନ, ଯୋଡ଼ା ୭-୧ ଗୋଲରେ ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନ ମୁର୍ଗା ୩-୨ ଗୋଲରେ ବିଜୟୀ

**କେନ୍ଦୁଝର, ନ୍ୟୁଜ୍**



ଫୁଟବଲ ଆସୋସିଏସନ ଅଫ ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଜିଲ୍ଲା କ୍ରୀଡ଼ା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସିଏମ୍ କପ୍ ଆନ୍ତଃ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଦିବସ ଲିଗ୍ ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଯାଇଛି।

ସୋମବାର ଅନୁଷ୍ଠିତ ପ୍ରଥମ ଖେଳରେ ଟାଟା ଷ୍ଟିଲ ଫାଉଣ୍ଡେସନ, ମୁର୍ଗା ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ 'ଏ ' ବିପକ୍ଷରେ ୭-୧ ଗୋଲରେ ଏକ ବିପୁଳ ବିଜୟ ହାସଲ କରି ପୂରା ପଏଣ୍ଟ ହାସଲ କରିଛି। ଟାଟା ଷ୍ଟିଲ ପକ୍ଷରୁ ୭ ନମ୍ବର ଖେଳାଳି ଲିଙ୍କମ୍ୟାନ ରୋହିତ କୁମାର ଗାଗରାଇ ଏକାକୀ ୪ ଟି ଗୋଲ ସ୍କୋର କରିଥିବାବେଳେ ଶ୍ୟାମ ମୁଣ୍ଡା, ରୋହନ ମୁଣ୍ଡା ଏବଂ କ୍ରିଷ୍ଣା ମୁଣ୍ଡା ଦଳ ପକ୍ଷରୁ ପ୍ରତ୍ୟେକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବାବେଳେ ଖେଳ ଶେଷ ହେବାର ୧୧ ମିନିଟ ପୂର୍ବରୁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଯଶୋବନ୍ତ ବେହେରା ଗୋଟିଏ ଗୋଲ ପରିଶୋଧ କରିଦେଇଥିଲେ।

ସେହିପରି ସୋମବାର ଅନୁଷ୍ଠିତ ଦ୍ୱିତୀୟ ଖେଳରେ ଟାଟା ଷ୍ଟିଲ ଫାଉଣ୍ଡେସନ, ଯୋଡ଼ା ବଡ଼ବିଲ ଏଫସି ବିପକ୍ଷରେ ୩-୨ ଗୋଲରେ ବିଜୟ ହାସଲ କରିବା ସହ ପୂରା ପଏଣ୍ଟ ପାଇଛି। ବଡ଼ବିଲ ଏଫ୍‌ସି ପକ୍ଷରୁ ୮ ନମ୍ବର ଖେଳାଳି ଓମ୍ କରୁଆ ୨ଟି ଏବଂ ଗୌତମ ଭଟ୍ଟ ଗୋଟିଏ ଗୋଲ ସ୍କୋର କରିଥିବାବେଳେ ବଡ଼ବିଲ ଏଫ୍‌ସି ପକ୍ଷରୁ ରଞ୍ଜିତ ହାଁସଦା ଏବଂ କ୍ରିଷ୍ଣା ନାଏକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସୋମବାର ଖେଳରେ ଜିଲ୍ଲା କ୍ରୀଡ଼ା ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପାଢ଼ୀ ଏବଂ କୋଷାଧକ୍ଷ ସରୋଜ କୁମାର ରଣା ପ୍ରମୁଖ ପଡିଆରେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ବେଣୁଧର ମୁଣ୍ଡା ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ଶଙ୍କର୍ଷଣ ନାଏକ ଏବଂ ବୃନ୍ଦାବନ ମୁଣ୍ଡା ତାଙ୍କୁ ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଯତୀନ ମହାନ୍ତ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଯତୀନ ମହାନ୍ତ ରେଫରୀ ଥିବାବେଳେ ତାଙ୍କୁ ବୃନ୍ଦାବନ ମୁଣ୍ଡା ଏବଂ ବେଣୁଧର ମୁଣ୍ଡା ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଶଙ୍କର୍ଷଣ ନାଏକ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ୍ କମିଶନର ଭାବେ ନିଯୁକ୍ତି ପାଇଥିବାବେଳେ କ୍ରୀଡ଼ା ନିର୍ଦ୍ଦେଶାଳୟର ଯଶପାଲ ଉର୍ମା, ବୀରେନ୍ଦ୍ର ମହାନ୍ତ, କୃଷ୍ଣ ଚନ୍ଦ୍ର ମହାନ୍ତ, ବାଦଲ ମହାକୁଡ଼ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମଙ୍ଗଳବାର ଲିଗ୍ ମ୍ୟାଚ୍ ଦୁଇ ଶ୍ରେଷ୍ଠ ଦଳ ଜେଏସଡବ୍ଲୁ ଫାଉଣ୍ଡେସନ ବଡ଼ବିଲ ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନ ମୁର୍ଗା ମଧ୍ୟରେ ଫାଇନାଲ ଖେଳ ଅପରାହ୍ନ ୨ଟା ୩୦ରେ ଅନୁଷ୍ଠିତ ହେବ।

## ଗଣତନ୍ତ୍ର ଦିବସ ପାଳନ ଅବସରରେ କ୍ରିକେଟ ମ୍ୟାଚ୍
# ପ୍ରଶାସନ ଏକାଦଶକୁ ୮ୱିକେଟରେ ହରାଇଲା ପ୍ରେସ୍ ଏକାଦଶ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

୭୬ତମ ଗଣତନ୍ତ୍ର ଦିବସ ଅବସରରେ ସବୁ ବର୍ଷ ପରି ବହୁ ପ୍ରଶିକ୍ଷିତ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍ ପ୍ରଶାସନିକ ଏକାଦଶ ସହ ପ୍ରେସ୍ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦୁଇ ଏକାଦଶ ୧୨ ଓଭର ଲେଖାଏଁ ଖେଳ ହେବା ନେଇ ସିଦ୍ଧାନ୍ତ ହୋଇଥିଲା ବେଳେ ଟସ୍ ଜିତି ପ୍ରଶାସନିକ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୦୨ ରନ କରିଥିଲା ବେଳେ ପ୍ରେସ୍ ଏକାଦଶ ୮ ୱିକେଟରେ ପ୍ରଶାସନ ଏକାଦଶକୁ ହରାଇ ବିଜୟୀ ହୋଇଥିଲା। ପ୍ରେସ୍ ଏକାଦଶକୁ ଉପଖଣ୍ଡର ଉପଜିଲ୍ଲାପାଳ ଫାଲଗୁନୀ ମାଝୀ ବିଜୟୀ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସ ଦଳକୁ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ ବେହେରା ଟ୍ରଫି ପ୍ରଦାନ କରିଥିଲେ।

# ଶ୍ୟାମାକାଳୀ ଯୁଥ୍ କ୍ଲବ୍ ସେମି ଫାଇନାଲରେ ଜେସିଏ ବାଲେଶ୍ୱର

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଜାହାଙ୍ଗୀର ଠାରେ ମା' ଶ୍ୟାମାକାଳୀ ଯୁଥ କ୍ଲବ ଆନୁକୂଲ୍ୟରେ ଶେଷ କ୍ୱାଟର୍ସ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଝାଡ଼ଙ୍ଗ ଯାଜପୁର ଓ ଜଗତ କ୍ରିକେଟ ଏକାଡ଼େମି (ଜେସିଏ) ବାଲେଶ୍ୱର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଜେସିଏ ବାଲେଶ୍ୱର ଟସ୍ ଜିଣି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଝାଡ଼ଙ୍ଗ ଯାଜପୁର ଟିମ୍ ପ୍ରଥମେ ବ୍ୟାଟିଙ୍ଗ କରି ୧୮ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ ହରାଇ ୯୨ ରନ କରିଥିଲା। ଜବାବରେ ଜେସିଏ ବାଲେଶ୍ୱର ୧୨ ଓଭର ୪ ବଲରେ ୨ ୱିକେଟ୍ ହରାଇ ୯୩ ରନ କରି ବିଜୟ ହୋଇ ସେମିଫାଇନାଲକୁ ପ୍ରବେଶ କରିଥିଲା। ପୂର୍ବରୁ ୩ଟି ଦଳ ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ସୋମବାରର ମ୍ୟାଚ୍‌ରେ ସାମ୍ବାଦିକ ସଂଜୀବ ମହାନ୍ତି, ପୂର୍ବତନ ସରପଞ୍ଚ ବିରେନ୍ଦ୍ର ବାରିକ ଓ ସମାଜସେବୀ ନିରାକାର ମହାପତ୍ର ଅତିଥି, ସନ୍ୟାସୀ ନାୟକ ଓ ଉତ୍ତମ ମହାନ୍ତି ଅମ୍ପାୟାର ରହିଥିବାବେଳେ ରାଧାଶ୍ୟାମ ଜେନା, ସୁଶାନ୍ତ ଦାସ, ବିଶ୍ୱଜିତ ପାଢୀ ଧାରାବିବରଣୀ ପ୍ରଦାନ, ଚିତ୍ତରଞ୍ଜନ ପଣ୍ଡା, ପରେଶ ବେହେରା ଓ ସୂର୍ଯ୍ୟକାନ୍ତ ଘଡ଼େଇ ସ୍କୋରର ଭାବେ କାର୍ଯ୍ୟ ତୁଲାଇଥିଲେ। ମୁକ୍ତିକାନ୍ତ ପାଢୀ, ମାନସ ପୂହାଣ ମୁଖ୍ୟ ପରିଚାଳକ, ମନୋଜ ମହାନ୍ତି, ଅନନ୍ତ ମହାରଣା, ଆଶିଷ ଦାସ, ଆଶିଷ ମହାପାତ୍ର, ପ୍ରିୟବ୍ରତ ଘଡ଼ାଇ, ସହଯୋଗ କରିଥିଲେ।




**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD., KHORDHA**
**District Website: www.khordha.nic.in**
**Tender No. 473 Dt. 24.01.2025**
CAD-2278

District Manager, Odisha State Civil Supplies Corporation Ltd., Khordha (District) invites tenders in Double Cover System through ONLINE MODE ONLY for the works below:

| SL No. | Name of the work | Selection and appointment of L-I Contractor for transportation of foodgrains From FSD, FCI to RRCs in the Khordha District. |
|---|---|---|
| 1 | Availability of bid document in the portal | From 27.01.2025 |
| 2 | Last Date / Time for receipt of bids in the portal | Dt. 27.02.2025 at 5.30 PM |
| 3 | Date/ Time of Opening of Technical Bid | Dt. 28.02.2025 at 11.00 AM |
| 4 | Name and address of the Officer inviting Tender | CSO-cum-District Manager, OSCSC Ltd., Khordha (District) |

Tender Documents & other details can be seen from the e-procurement portal www.oscsc.inwww.foododisha.in & www. Tendersodisha.gov.in along with district website. Amendments I corrigendum/ cancellation/ retenders etc. if any shall be published only in above websites.

Sd/- CSO-cum-District manager
OSCSC Ltd., Khordha
OIPR-07007/11/0003/2425

**OFFICE OF THE SUPERINTENDING ENGINEER,**
**JAMBHIRA CANAL DIVISION, MORADA,**
AT/PO-MORADA,DIST-MAYURBHANJ.
Mail ID- eeicdivisionrnorado@gmail.com
**Tender Call Notice No- 07/2024-25 of SE, J.C, Division, Moroda**
A-970

| | |
|---|---|
| Name of Work | A. Repair and Maintenance of Water Supply System of Jambhira Canal Division Irrigation Colony at Morada for the year 2024-25.<br>B. Repair of Cement Concrete Lining from RD 35.00 KM to 45.00 KM of Jambhir Left Main Canal for the year 2024-25.<br>C. Bush cutting including silt clearance of Pariakoli Minor system (from 1500m t 3300m) off-taking at RD 52901m from Jambhira Left Main Canal<br>D. Repair 4 Renovation of Raniapal Minor from RD 27870m of Jambhira Left Main Canal for the year 2024-25. |
| Estimated Cost for put to tender in Lakh | A. 134068/-<br>B. 473842/-<br>C. 379714/-<br>D. 498898/- |
| Bid Security/ E.M.D. | A. 1400/-<br>B. 4800/-<br>C. 3800/-<br>D. 5000/- - |
| Period of Completion | A. 02 (Two) Calendar Month<br>B. 02 (Two) Calendar Month<br>C. 02 (Two) Calendar Month<br>D. 02 (Two) Calendar Month |
| Class of Contractor | "D" Class and "C" Class |
| Date & Time of availability of bid document | 28,01.2025 at 10.00 A.M. |
| Last date/time for receipt of bid | 07.02.2025 up to 4.00 P.M. |
| Opening of Technical Bid | 10.02.2025 at 11.00 A.M. |
| Name & Address of the O.I.T | Superintending Engineer, Jambhira Canal Division, Morada |

OIPR-32440/11/0003/2425
Sd/- Superintending Engineer,
Jambhira Canal Division, Morada


# ଇନ୍ଦିରା ପାର୍କ ମର୍ଣ୍ଣିଂ ୱାକର୍ସ ଆସୋସିଏସନ ପକ୍ଷରୁ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ଇନ୍ଦିରାଗାନ୍ଧୀ ପାର୍କସ୍ଥିତ ଇନ୍ଦିରା ପାର୍କ ମର୍ଣ୍ଣିଂ ୱାକର୍ସ ଆସୋସିଏସନ ପକ୍ଷରୁ ଏହାର ପରିସରରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଇନ୍ଦିରା ଗାନ୍ଧୀ ପାର୍କର ବରିଷ୍ଠ ସୁରକ୍ଷା ଅଧିକାରୀ ବେଣୁଧର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆସୋସିଏସନର ତିନିଜଣ ଆବାହକ ସଚିବାଳୟ କର୍ମଚାରୀ ସଂଘର ନେତା ତଥା ଅର୍ଥ ବିଭାଗର ବରିଷ୍ଠ ପ୍ରଶାସକ ଚିତ୍ତରଞ୍ଜନ ହୋତା, ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ତଥା କ୍ରୀଡ଼ା ସଂଗଠକ ଶକ୍ତି ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା, ସଚିବାଳୟ କର୍ମଚାରୀ ନେତା ପତିତପାବନ ନାଥ ଶର୍ମା, ଷ୍ଟେଟ୍ ବ୍ୟାଙ୍କର ବରିଷ୍ଠ ଅଧିକାରୀ ସିଦ୍ଧାର୍ଥ ସାମଲ, କ୍ରୀଡ଼ା ସଂଗଠକ ମଳୟ କୁମାର ବେହେରା, ପ୍ରବୀର ଦାସ, ଗୋବିନ୍ଦ ଚନ୍ଦ୍ର ଦାସ, ଲିପନ ସାହୁ, ବିରଞ୍ଚି କୁମାର ପାତ୍ର, ଆଲୋକ କୁମାର ସେଠୀ, ଦିଲ୍ଲୀପ କୁମାର ଜେନା, ଅନିଲ୍ କୁମାର ପଣ୍ଡା, ଅକ୍ଷୟ କୁମାର ରଣା, ମୋହନ ପ୍ରଧାନ, ପ୍ରାଣପ୍ରିୟ ପାଢୀ, ପିୟୁଷ ସାହୁ, ମନ୍ମଥ ପାତ୍ର, ଅନନ୍ତ କୁମାର ସାମଲ, ବିକ୍ରମ ପାତ୍ର, ଅଶୋକ ଦାସ, ପବିତ ମୋହନ ପଟ୍ଟନାୟକ, ବ୍ରଜସୁନ୍ଦର ପାତ୍ର, ରବିନାରାୟଣ ଆଚାର୍ଯ୍ୟ, ସଚ୍ଚିଦାନନ୍ଦ ରାଉତ, ପ୍ରତାପ ଜେନା, ବିଭୂତି ଭୂଷଣ ପତି ପ୍ରମୁଖ ଶତାଧିକ ମର୍ଣ୍ଣିଂ ୱାକର୍ସ ଆସୋସିଏସନର ସଦସ୍ୟ ଯୋଗଦେଇ ଜାତୀୟ ସଙ୍ଗୀତ ଗାନ କରିବା ସହିତ ବନ୍ଦେ ମାତରଂ ଓ ଭାରତ ମାତା କି ଜୟ ଧ୍ୱନିମାନ ଦେଇଥିଲେ।

# ଉଲ୍ଲେଖନୀୟ ସଫଳତା ସହିତ ପୂର୍ବତଟ ରେଳପଥ ପକ୍ଷରୁ ୭୬ତମ ଗଣତନ୍ତ୍ର ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱରସ୍ଥ ରେଳବାଇ ଷ୍ଟାଡିୟମ ଠାରେ ୭୬ ତମ ଗଣତନ୍ତ୍ର ଦିବସ ପାଳନ କରାଯାଇଥିଲା ଯେଉଁଠାରେ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଜାତୀୟ ପତାକା ଉତ୍ତୋଳନ କରି ଆୟୋଜିତ ପରେଡ଼ରେ ଅଭିବାଦନ ଗ୍ରହଣ କରିବା ସହିତ ରେଳବାଇର ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସେ କହିଛନ୍ତି ଯେ ଗଣତନ୍ତ୍ର ଦିବସ ହେଉଛି ଦେଶର ସେବା, ସମ୍ବିଧାନରେ ଦର୍ଶାଯାଇଥିବା ମୂଲ୍ୟବୋଧକୁ ବଞ୍ଚାଇ ରଖିବା ଏବଂ ଦେଶରେ ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ଗଣତାନ୍ତ୍ରିକ ନୀତି ପ୍ରତି ଆମର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବାର ଏକ ସମୟ। ଏହି ମହତ୍ୱପୂର୍ଣ୍ଣ ଅବସରରେ ମହାପ୍ରବନ୍ଧକ ଚଳିତ ଆର୍ଥିକ ବର୍ଷରେ ରେଳପଥ ଦ୍ୱାରା ପ୍ରମୁଖ ସଫଳତା ସମ୍ବନ୍ଧରେ ସୂଚନା ଦେଇ ରେଳ କାର୍ଯ୍ୟ, ଭିତ୍ତିଭୂମି ବିକାଶ ଏବଂ ଯାତ୍ରୀ ସେବାରେ ଉଲ୍ଲେଖନୀୟ ମାଇଲଖୁଣ୍ଟକୁ ପ୍ରତି ଆଲୋକପାତ କରିଥିଲେ। ପୂର୍ବତଟ ରେଳପଥ ସଫଳତାର ସହିତ ୨୦୦ ନିୟୁତ ଟନରୁ ଅଧିକ ଐତିହାସିକ ପଣ୍ୟ ବୋଝେଇ ମାଇଲଖୁଣ୍ଟ ହାସଲ କରିଛି ଯାହାକି ସମସ୍ତ ରେଳ ଜୋନ୍ ମଧ୍ୟରେ ସର୍ବୋଚ୍ଚ ଏବଂ ଏହା ପୂର୍ବ ବର୍ଷ ତୁଳନାରେ, ପାଞ୍ଚ ଦିନ ପୂର୍ବରୁ ରେକର୍ଡ ୨୯୦ ଦିନରେ ଏହି ସଫଳତା ହାସଲ କରିଛି। ଯାତ୍ରୀଙ୍କ କଲ୍ୟାଣ ଏବଂ ନିରାପତ୍ତାକୁ ପୂର୍ବତଟ ରେଳପଥ ପ୍ରାଥମିକତା ଦେଇ ଚାଲିଛି। ଚଳିତ ବର୍ଷ, ୧୨ କୁମ୍ଭମେଳା ବିଶେଷ ଟ୍ରେନ ସମେତ ୧,୭୮୧ ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଇଅଛି। ଏହା ସହିତ, ଯାତ୍ରୀ ଭିଡ଼ ଋତୁକାଳୀନ ଚାହିଦା ପୂରଣ କରିବା ପାଇଁ ନିୟମିତ ଟ୍ରେନରେ ୪,୫୪୫ କୋଚ୍ ସଂଯୋଗ କରାଯାଇଛି। ଯାତ୍ରୀଙ୍କ ଆରାମଦାୟକ ଯାତ୍ରା ଏବଂ ନିରାପତ୍ତାକୁ ଉନ୍ନତ କରି ଆଧୁନିକ ଏଲଏଚ୍‌ବି ରେକ୍ ସହିତ ଛଅ ଯୋଡ଼ା ଟ୍ରେନ୍ ପ୍ରଚଳନ କରାଯାଇଛି। ୨୦୨୪ ରଥ ଯାତ୍ରା ସମୟରେ, ପୂର୍ବତଟ ରେଳପଥ କର୍ମଚାରୀ, ବିଶେଷକରି ଖୋର୍ଦ୍ଧା ରୋଡ୍ ଡିଭିଜନରୁ ୩୨୧ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଇ ପ୍ରାୟ ୧୫ ଲକ୍ଷ ଭକ୍ତଙ୍କୁ ଯାତ୍ରା ସେବା ପ୍ରଦାନ କରି ଅତୁଳନୀୟ ସେବା ପ୍ରଦାନ କରାଯାଇଥିଲା। ଭିତ୍ତିଭୂମି ବିକାଶରେ ପୂର୍ବତଟ ରେଳପଥ ଉଲ୍ଲେଖନୀୟ ଅଗ୍ରଗତି ହସ କରିଛି। ଚଳିତ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୨୭୬ କିଲୋମିଟର ନୂତନ ଲାଇନ, ଦୋହରୀକରଣ ଏବଂ ମଲ୍ଟି ଟ୍ରାକିଂ କାର୍ଯ୍ୟ ସମାପ୍ତ କରିଛି। ଉଲ୍ଲେଖନୀୟ ପ୍ରକଳ୍ପଗୁଡ଼ିକରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ରେଳ ଲାଇନ ଏବଂ ବିଭିନ୍ନ ବିଦ୍ୟୁତିକରଣ ପଦକ୍ଷେପ ଅନ୍ତର୍ଭୁକ୍ତ। ଏହି ଜୋନ୍ ଟନେଲିଂ କାର୍ଯ୍ୟ ସହିତ ଅନେକ ଯାତ୍ରୀ କୈନ୍ଦ୍ରିକ ତଥା ବରଗଡ଼ ରୋଡ୍-ନୁଆପଡା ରୋଡ୍ ନୂତନ ଲାଇନ ଏବଂ ସଡ଼କ ଓଭର ବ୍ରିଜ୍ ନିର୍ମାଣ ସମେତ ଅନେକ ସାର୍ବଜନୀନ କେନ୍ଦ୍ର ପ୍ରକଳ୍ପର କାର୍ଯ୍ୟ ମଧ୍ୟ ସମ୍ପାଦନ କରିବାରେ ସଫଳ ହୋଇଛି। ନିରାପଦ ଏବଂ ଦକ୍ଷ ଟ୍ରେନ୍ ଚଳାଚଳ କାର୍ଯ୍ୟକୁ ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ମୂଳକ କାର୍ଯ୍ୟ ସହିତ ପୂର୍ବତଟ ରେଳପଥ ପାଇଁ ସୁରକ୍ଷା ଏକ ପ୍ରାଥମିକତା ଅଟେ। ନୂତନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ପ୍ରଣାଳୀର କାର୍ଯ୍ୟକ୍ଷମ, ହଟ୍ ଆକ୍ସଲ୍ ବକ୍ସ ଡିଟେକ୍ଟର ଗୁଡ଼ିକର ସଂସ୍ଥାପନ ଏବଂ ଏକ ଫୁଲ୍ ସ୍କେଲ୍ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସର ସଫଳ ସମାପ୍ତି ହେଉଛି ପ୍ରମୁଖ ସଫଳତା। ଏଥିସହ, ପୂର୍ବତଟ ରେଳପଥ ୧୭୦ ରୋଡ୍ ଓଭର ବ୍ରିଜ୍ (ଆରଓବିଏସ୍) ନିର୍ମାଣ ଘୋଷଣା କରିଛି ଯେଉଁଥିରେ ପାଞ୍ଚଟି ଆରଓବି ଏବଂ ତିନୋଟି ଫୁଟ୍ ଓଭର ବ୍ରିଜ୍ (ଆରଓବି) ଏହି ଆର୍ଥିକ ବର୍ଷରେ ସମାପ୍ତ ହୋଇଛି।


DSPL-357
ODISHA
NEW OPPORTUNITIES
CII
Confederation of Indian Industry
MAKE IT UTKARSH
Hon'ble Prime Minister, Shri Narendra Modi inaugurates the Utkarsh Odisha – Make in Odisha Conclave 2025 today, we invite industry leaders and entrepreneurs to be a part of this transformational journey.
Shri Narendra Modi
Prime Minister
Shri Mohan Charan Majhi
Chief Minister, Odisha
"As we aim for Viksit Bharat 2047, Odisha will play a pivotal role in driving this ambition forward. Its investor- friendly policies and strategic location make it the anchor for our Purvodaya Vision."
UTKARSH
ODISHA
MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025
Sunrise of Investment Excellence
Utkarsh Odisha Inauguration by
Prime Minister of India at 10:30 AM
Today 28 January 2025
CEOs Roundtable
Start-up Plenary Session
Country-of -focus Session
Cultural Program
Chemicals, Petrochemicals and Plastics Session
Renewable Energy & Equipment Session
Mining & Metallurgy Session
VENUE: Janata Maidan Bhubaneswar
BECOME A PART OF THE "SAMRUDH ODISHA 2036" JOURNEY
INVEST IN ODISHA, INVEST IN FUTURE
OIPR-14005/13/0042/2425